Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 2
Friday, 6 March 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ରାଜ୍ୟସଭା ନିର୍ବାଚନ : ନାମାଙ୍କନ ଭରିଲେ ବିଜେପି ପ୍ରାର୍ଥୀ ମନମୋହନ-ସୁଜିତ

ଭୁବନେଶ୍ୱର, ୫/୩ (ଆ.ପ୍ର) : ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କଲେ ୨ ବିଜେପି ପ୍ରାର୍ଥୀ ମନମୋହନ ସାମଲ ଏବଂ ସୁଜିତ କୁମାର । ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ବରିଷ୍ଠ ନେତା ଦିଲ୍ଲୀପ ରାୟ ନାମାଙ୍କନ ଭରିଛନ୍ତି । ବିରାଟ ପଦ୍ମଶୋରରେ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ସମସ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ରାଜ୍ୟସଭା ଚତୁର୍ଥ ଆସନ ପାଇଁ ରୋଚକ ଲଢେଇ ହେବ । ଡାକ୍ତର ଦତେଶ୍ୱର ହୋତା ଏବଂ ଦିଲ୍ଲୀପ ରାୟଙ୍କ ମଧ୍ୟରେ ବରାବର ଚକ୍ରର ଦେଖିବାକୁ ମିଳିବ । ଦିଲ୍ଲୀପଙ୍କ ସ୍ୱାଧୀନ ପ୍ରାର୍ଥୀତ୍ୱକୁ ବିଜେପି ସମର୍ଥନ କରିବ । ସେହିପରି ବିଜେଡି ଓ କଂଗ୍ରେସ ବଳରେ ଦତେଶ୍ୱର ଲଢିବେ । ୨୦୦୨ରେ ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ

ନିର୍ବାଚିତ ହୋଇଥିଲେ । ସେତେବେଳେ ବିଜେଡିର ବିରୋଧ ସତ୍ତ୍ୱେ କ୍ରସ ଭୋଟିଂରେ ଦିଲ୍ଲୀପ ବାଜି ମାରିଥିଲେ । ତେଣୁ ଦିଲ୍ଲୀପ ରାୟଙ୍କ ଏଂଟ୍ରି ରାଜ୍ୟସଭା ଭୋଟ ଗଣିତ ବଦ୍ ରୋଚକ କରିବ ବୋଲି ଆଲୋଚନା ହେଉଛି । ଦିଲ୍ଲୀପ ୩ ଥର ବିଧାୟକ ଓ ୨ ଥର ରାଜ୍ୟସଭା ସାଂସଦ ହେବା ସହ ମନ୍ତ୍ରୀ ମଧ୍ୟ ହୋଇଛନ୍ତି । ନାମାଙ୍କନ ଭରିବା ପରେ ଦିଲ୍ଲୀପ ରାୟ ଜିତିବା ନେଇ ବୁଦ୍ଧୋକ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ରହିଛି । ବିଜେପି ନାମାଙ୍କନ ଭରିବା ପାଇଁ ପୂରା ସମର୍ଥନ ଯୋଗାଇ ଦେଇଛି । କାଲିଯୁ ପ୍ରଚାର ଆରମ୍ଭ ହେବ । ୨୦୦୨ ପରି ଜିତାପଟ ହାସଲ କରିବି । ଆସନ୍ତା କାଲି ପ୍ରାର୍ଥୀପତ୍ରର ହେବ ଯାଂଚ । ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ୧ ମାର୍ଚ୍ଚରେ ରାଜ୍ୟସଭା ଆସନ ପାଇଁ ପଡ଼ିବ ଭୋଟ୍ । ରାଜ୍ୟସଭା ରେସରେ ଚତୁର୍ଥ ଆସନ ପାଇଁ ବିଗ୍ ଫାଇଟ୍ । ଦତେଶ୍ୱର ହୋତା ବନାମ ଦିଲ୍ଲୀପ ରାୟ ।

ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ ନୁହେଁ: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୫/୩(ନ୍ୟୁ.ଏ): ଇରାନ-ଆମେରିକା ଓ ଇସ୍ରାଏଲ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱକୁ ଏକ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି, କେବଳ ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ କରିପାରିବ ନାହିଁ । ସେ ସ୍ପଷ୍ଟ କରିଥିଲେ ଯେ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ଶାନ୍ତି ଏବଂ ଆଲୋଚନା ହିଁ ଆଗକୁ ବଢ଼ିବାର ପଥ । ପ୍ରଧାନମନ୍ତ୍ରୀ ମୋଦୀ ରୁଷ ଏବଂ ୟୁକ୍ରେନ, ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏଭଳି ବିବୃତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ନିୟମ କାନୁନ, ଆଲୋଚନା ତଥା କୂଟନୀତି ସେକୌଣସି ବିବାଦର ସମାଧାନର ଏକମାତ୍ର ରାସ୍ତା । ଗୁରୁବାର ଦିଲ୍ଲୀରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ ?ଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ବିବୃତି ଦେଇଛନ୍ତି । ବିଶ୍ୱସ୍ତରୀୟ ବ୍ୟାଲେଞ୍ଚ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିଶ୍ୱକୁ ଏବେ ପୁରୁଣା ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରର ଅତ୍ୟନ୍ତ ଆବଶ୍ୟକତା ଅଛି । ସଂସ୍କାର କେବଳ ଆବଶ୍ୟକ ନୁହେଁ, ବରଂ ଏହା ବହୁତ ଶୀଘ୍ର କରାଯିବା ଆବଶ୍ୟକ । ସମସ୍ତ ପ୍ରକାରର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତା ରହିଛି । ସେ କାନୁଆରିରେ ୟୁରୋପୀୟ ସଂଘ ସହିତ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି କହିଛନ୍ତି, ଅସ୍ଥିରତା ସମୟରେ ଭାରତ-ୟୁରୋପ ସମ୍ପର୍କ ଏକ ସୁବର୍ଣ୍ଣ ଯୁଗରେ ପ୍ରବେଶ କରୁଛି । ଭାରତ ମହାଶକ୍ତି ବିଶ୍ୱ ସ୍ଥିରତା, ଅକ୍ଷୁବ୍ଧତା ଏବଂ ସମୃଦ୍ଧି ପାଇଁ ନୂତନ ପ୍ରେରଣା ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ଫିନଲାଣ୍ଡ ସହିତ ରଣନୈତିକ ସହଭାଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଉଚ୍ଚତାରେ ପହଂଚାଇବା ପାଇଁ ଅନେକ ବୁଝି ସ୍ୱାକ୍ଷର କରିଥିବା ସେ ଦୋହରାଇଛନ୍ତି ।

୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତିର ସମୀକ୍ଷା

ଭୁବନେଶ୍ୱର, ୫/୩ (ଆ.ପ୍ର) : ରାଜ୍ୟର ଆର୍ଥିକ ସ୍ଥିତି ଏବଂ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁରାଗ ସମୀକ୍ଷା କରିଛନ୍ତି । ଚଳିତ ମାସ ଶେଷ ସୁଦ୍ଧା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦନ ହିସାବରେ ଖର୍ଚ୍ଚ କରିବାକୁ ସମସ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟରେ ପ୍ରସ୍ତାବିତ ନୂତନ ଯୋଜନା ର ସଫଳ ରୂପାୟନ ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜନୁୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବ ରଞ୍ଜନ କୁମାର ସିଂହ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ବୈଠକରେ ଫେବୃୟାରୀ ୨୦୨୬ ଶେଷ ସୁଦ୍ଧା ରାଜ୍ୟର ବିତ୍ତୀୟ ସ୍ଥିତି ସମୀକ୍ଷା କରାଯାଇଥିଲା । ସାମଗ୍ରିକ ଭାବେ ଗତ ବର୍ଷ ତୁଳନାରେ ଏହି ସମୟ ମଧ୍ୟରେ ଖର୍ଚ୍ଚ ହାର ୯.୩ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମ ଭାବବନ୍ଧୁ ସାମଗ୍ରିକ ଭାବେ ଖର୍ଚ୍ଚରେ ୧୪ ପ୍ରତିଶତ ବୃଦ୍ଧି ପାଇଛି । କୃଷି ବିଭାଗରେ ଗତ ବର୍ଷ ଅପେକ୍ଷା ବଜେଟ୍ ବ୍ୟୟ ୧୩ ପ୍ରତିଶତ ବୃଦ୍ଧି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୩୯ ପ୍ରତିଶତ, ସମବାୟ ବିଭାଗର ୫୬% ଖର୍ଚ୍ଚ ବୃଦ୍ଧି ପରିଲକ୍ଷିତ ହୋଇଛି । ଜିନିଷୁମି ବିକାଶ କ୍ଷେତ୍ରରେ ଶକ୍ତି ବିଭାଗର ୪୪% ବୃଦ୍ଧି ଘଟିଛି । ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗଗୁଡ଼ାରେ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିଥିଲେ । ୨୦୨୬-୨୭ ବଜେଟରେ ଯେଉଁ ନୂଆ ଯୋଜନା ଘୋଷଣା କରାଯାଇଛି ତାକୁଆ ତାହାର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ 'ରାଜ୍ୟ ଏଆଇ ମିଶନ'କୁ ଗୁରୁତ୍ୱ ଦେଇଥିଲେ ।

ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ସଂତୃପ୍ତ ଓ ଦତେଶ୍ୱର

ଭୁବନେଶ୍ୱର: ଭୁବନେଶ୍ୱର, ୦୫/୦୩ : ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ସଂତୃପ୍ତ ମିଶ୍ର ଏବଂ ଦତେଶ୍ୱର ହୋତା । ବିଜେଡି ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ୩ ସେଟ୍ ରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି କମନ୍ କ୍ୟାଣ୍ଡିଡେଟ୍ ଭାବେ ଡାକ୍ତର ଦତେଶ୍ୱର ହୋତା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ବୁଜ ନେତା ନୋମିନେସନ ଫାଇଲ୍ କରିଛନ୍ତି । ନାମାଙ୍କନ ଦାଖଲ ବେଳେ ରୋଡକ ଦୃଶ୍ୟ ଦେଖିବାକୁ ମିଳିଛି । ଗୋଟିଏ କକ୍ଷରେ ବିଜେଡି ଓ କଂଗ୍ରେସ ନେତା ଏକାଠି ହୋଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପାଖ ସିଟ୍ ରେ ବସିଥିବା ଦେଖିବାକୁ ମିଳିଛି । ସଂତୃପ୍ତ ଏବଂ ଦତେଶ୍ୱରଙ୍କ ପ୍ରାର୍ଥୀପତ୍ର ଦାଖଲ ପରେ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ଦେଇଛନ୍ତି । ୨ ପ୍ରାର୍ଥୀଙ୍କୁ

ସ୍ୱାଗତ କରିଛନ୍ତି । ସମ୍ବାଦ୍ୟ ମେଂଟ ସମ୍ପର୍କିତ ପ୍ରଶ୍ନରେ ନବୀନ କହିଛନ୍ତି ଯେ, ସମୟ ଭବିଷ୍ୟତ କଥା କହିବ । ସେହିପରି ନାମାଙ୍କନ ଦାଖଲ ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, କହୁ ବର୍ଷ ପରେ ଓଡ଼ିଶାରେ ସମଭାବାପନ୍ନ ବନମାନେ ଏକାଠି ହୋଇଛନ୍ତି । ବିଜେଡି-କଂଗ୍ରେସ-ସିପିଏମ୍ ଏକାଠି ହେବା ରାଜନୈତିକ ନିଷ୍ପତ୍ତି । ନବୀନ ପଟ୍ଟନାୟକଙ୍କ ପ୍ରସ୍ତାବକୁ ଏଆଇସିସି ଗ୍ରହଣ କଲା । ଆମେ କଥାବାର୍ତ୍ତା ହୋଇ ରାଜ୍ୟ ହିତରେ କମନ୍ କ୍ୟାଣ୍ଡିଡେଟ୍ କଲୁ । କୌଣସି ବିଧାୟକ ଭୁଲ୍ ନିଷ୍ପତ୍ତି ନେବେନି ବୋଲି ବିଶ୍ୱାସ । ନବୀନ ବାବୁ ସ୍ପଷ୍ଟ ଭାବେ ସମାଜବାଦୀ, ସମଭାବାପନ୍ନ ଦଳଙ୍କ କଥା କହିଛନ୍ତି । ତେଣୁ ଓଡ଼ିଶା ରାଜନୀତିରେ ଏହା ଏକ ଐତିହାସିକ ପଦକ୍ଷେପ । ଓଡ଼ିଶାରେ ନବୀନ ବାବୁଙ୍କର ନାହିଁ ନଥିବା ଲୋକପ୍ରିୟତା ଅଛି । ଛୋଟ ପ୍ରତିଶତରେ ଅଛି ବି ସେ ରାଜ୍ୟରେ ସବୁଠୁ ଅଧିକରେ ଅଛନ୍ତି । ନବୀନଙ୍କ ଏହି ନିଷ୍ପତ୍ତି ବହୁତ ବଡ଼, ପୂର୍ବରୁ ବିଜୁ ବାବୁ ଏପରି ନିଷ୍ପତ୍ତି ନେଇଥିଲେ । ସେପରେ ସଂତୃପ୍ତ ମିଶ୍ର କହିଛନ୍ତି ଯେ, ରାଜନୀତିରେ କେହି କାହାର ଶତ୍ରୁ ନୁହଁନ୍ତି । ତେବେ ବିଜୁପ୍ରିୟ ରାୟ ସ୍ୱାଧୀନ ପ୍ରାର୍ଥୀ ପ୍ରଶ୍ନରେ କହିଛନ୍ତି ଯେ, ତାଙ୍କର ଅଧିକାର ଅଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ କେହି ବି ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ।

ଜନଗଣନା ପାଇଁ ଡିଜିଟାଲ ଉପକରଣ ସହ ମାସ୍କଟ୍ ଉନ୍ମୋଚନ କଲେ ଅମିତ ଶାହ

ନୂଆଦିଲ୍ଲୀ, ୫/୩(ନ୍ୟୁ.ଏ): ଜନଗଣନା-୨୦୨୭ ପାଇଁ ଚାରୋଟି ଡିଜିଟାଲ୍ ଉପକରଣ ସହ ମାସ୍କଟ୍ ପ୍ରଗତି ଓ ବିକାଶ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗୁରୁବାର ଉନ୍ମୋଚନ କରିଛନ୍ତି । ପ୍ରଥମ ଥର ପାଇଁ ଜନଗଣନା ଡିଜିଟାଲ୍ ଭାବରେ କରାଯିବ । ଏପରିକି ପ୍ରଥମ ଥର ପାଇଁ ସ୍ୱୟଂ-ଗଣନାର ବିକଳ୍ପ ମଧ୍ୟ ପ୍ରଦାନ କରାଯାଇଛି । ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଏବଂ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା କମିଶନର ଉପସ୍ଥିତ ଥିଲେ । ସେଂଟର ଫର ଡେଭଲପମେଂଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ଗଣନା କାର୍ଯ୍ୟକୁ ସହଜ କରିବା ପାଇଁ ଉନ୍ନତ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରିଛି । ଦୁଇ ପର୍ଯ୍ୟାୟ ଜନଗଣନା ୨୦୨୭ ହେଉଛି ବିଶ୍ୱର ସର୍ବବୃହତ ଜନଗଣନା ପ୍ରୟାସ । 'ପ୍ରଗତି' (ମହିଳା ଗଣନାକାରୀ) ଏବଂ 'ବିକାଶ' (ପୁରୁଷ ଗଣନାକାରୀ) ମାସ୍କଟକୁ ଜନଗଣନା-୨୦୨୭ର ଚେହେରା ଭାବେ ଉନ୍ମୋଚନ କରାଯାଇଛି । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପକୁ ପୂରଣ କରିବାରେ ମହିଳା ଏବଂ ପୁରୁଷଙ୍କ ସମାନ ଅଂଶଗ୍ରହଣର ପ୍ରତୀକ ମଧ୍ୟ ଏହି ମାସ୍କଟ୍ । ହାଇସଲିସିଂ ବୁଲ୍ ଜିଏଟସ୍ (ଏଚ୍.ଏଲ୍.ବି.ସି.) ଷ୍ଟେବ୍ ଆପ୍ଲିକେସନ୍, ଏଚ.ଏଲ.ଓ. ମୋବାଇଲ, ସ୍ୱ-ଗଣନା (ଏସ୍.ଇ.) ପୋର୍ଟାଲ, ସେନ୍ସସ୍ ମାନେଜମେଂଟ ଆଣ୍ଡ ମନିଟରିଂ ସିଷ୍ଟମ୍ (ସି.ଏମ୍.ଏସ୍.) ପୋର୍ଟାଲ ଡିଜିଟାଲ ଉପକରଣକୁ ଉନ୍ମୋଚିତ କରାଯାଇଛି । ପ୍ରଶାସନିକ ସ୍ତରରେ ଜନଗଣନା ସମ୍ବନ୍ଧୀୟ ସମସ୍ତ ଯୋଜନା, ପରିଚାଳନା, ଏବଂ ତଦାରଖ କରିବା ପାଇଁ ୱେବ୍-ଆଧାରିତ ଡିଜିଟାଲ୍ ପ୍ଲାଟଫର୍ମ ଡିଜାଇନ ହୋଇଛି । ଅଧିକାରୀମାନେ ଏହା ମାଧ୍ୟମରେ ପ୍ରକୃତ ସମୟରେ ଗଣନାର ଅଗ୍ରଗତି, କ୍ଷେତ୍ର ପ୍ରଦର୍ଶନ ଏବଂ ପରିଚାଳନା ପ୍ରସ୍ତୁତିକୁ ଟ୍ରାକ୍ କରିପାରିବେ । ଘରକୁ ଯାଇ ସୁରକ୍ଷିତ ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ତଥ୍ୟ ସଂଗ୍ରହ କରିପାରିବେ । ଜନଗଣନା-୨୦୨୭ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଏବଂ ଘର ଗଣନା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଘରର ସ୍ଥିତି ଏବଂ ଘରୋଇ ସୁବିଧା ଉପରେ ତଥ୍ୟ ସଂଗ୍ରହ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ଜନସଂଖ୍ୟାତ୍ମକ, ସାମାଜିକ ଏବଂ ଅର୍ଥନୈତିକ ବିବରଣୀ ରେକର୍ଡ କରାଯିବ । ସୂଚନାଯୋଗ୍ୟ ଯେ, ୨୦୨୭ ମସିହା ଫେବୃୟାରୀ ମାସରେ ସମଗ୍ର ଭାରତରେ ଜନସଂଖ୍ୟା ଗଣନା କରାଯିବ । କେନ୍ଦ୍ରଶାସିତ ଅଂଚଳ ଲଦାଖ ଏବଂ କଶ୍ମୀର ଜାମ୍ମୁ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ତରଫାନ୍ଦୁର ଅଣ-ସମବାୟିକ ଲାଭାଂଶ ପାଇଁ ଗଣନା ସେପ୍ଟେମ୍ବର ୨୦୨୬ ରେ ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟ ଜନଗଣନାରେ ଜାତି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ସାମିଲ କରାଯିବ ।

ବିଜୁ ବାବୁ ଥିଲେ ସୁବର୍ଣ୍ଣ ସେତୁ : ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୫/୩ (ଆ.ପ୍ର) : ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ମହାନ ଜନନାୟକ ବିଜୁ ବାବୁଙ୍କ ଜନ୍ମ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେ ଏହି ଅବସରରେ କହିଛନ୍ତି , ବିଜୁ ବାବୁ ଥିଲେ ଓଡ଼ିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ସୁବର୍ଣ୍ଣ ସେତୁ । ସେ କେବଳ ଆମ ଅତୀତ ଗୌରବକୁ ନେଇ ଗର୍ବ କରୁ ନ ଥିଲେ । ଆମର ଉତ୍ତର ପୀଢ଼ି ପାଇଁ ଏକ ସମୃଦ୍ଧ ଭବିଷ୍ୟତର ଯୋଜନା ମଧ୍ୟ କରିଥିଲେ । ବିଜୁ ବାବୁ କେବଳ ଜଣେ ରାଜନେତା ନ ଥିଲେ । ସେ ଥିଲେ ଓଡ଼ିଶାବାସୀଙ୍କ ଭାବାବେଗ ସହ ଜଡ଼ିତ ଥିଲେ । ଓଡିଆ ସ୍ୱାଭିମାନ ଥିଲା ତାଙ୍କର ସବୁଠାରୁ ବଡ଼ ଶକ୍ତି । ଓଡ଼ିଶାର ବିକାଶପାଇଁ ଆତ୍ମସ୍ୱ କରି ମହିଳା ସଶକ୍ତିକରଣ ତଥା ପଂଚାୟତିରାଜ

ବ୍ୟବସ୍ଥାକୁ ତାଙ୍କର ଅବଦାନକୁ କେହି ଭୁଲିପାରିବେ ନାହିଁ । ଲୋକଙ୍କ ଶକ୍ତିକୁ ସମ୍ମାନ ଦେଇଥିବା ନେତା ହିଁ ପଂଚାୟତିରାଜ ବ୍ୟବସ୍ଥାକୁ ମଜବୁତ କରିପାରିବ । ପଂଚାୟତିରାଜ ବ୍ୟବସ୍ଥା ଦୁର୍ବଳ ହେଲେ ଲୋକଙ୍କ ଭରସା ମଧ୍ୟ ନଷ୍ଟ ହୋଇଥାଏ । ବିଜୁ ବାବୁଙ୍କ ଆଦର୍ଶରେ ବିଜୁ ଜନତା ଦଳ ପଂଚାୟତି ରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବ । ତାହା ହିଁ ହେବ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ସକାଳେ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କକୁ ଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।

ଆମେରିକୀୟ ଟ୍ୟାଙ୍କର୍ ଉପରେ ଆକ୍ରମଣ କଲା ତେହେରାନ

ତେହେରାନ, ୫/୩(ନ୍ୟୁ.ଏ): ଭାରତ ମହାସାଗରରେ ଏକ ଇରାନୀୟୁଦ୍ଧଜାହାଜ ଉପରେ ଆକ୍ରମଣ ହେବାର କିଛି ଘଂଟା ପରେ, ଗୁରୁବାର ଦିନ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଉତ୍ତର ପାରସ୍ୟ ଉପସାଗରରେ ଏକ ଆମେରିକୀୟ ଟ୍ୟାଙ୍କରକୁ ଆକ୍ରମଣ କରିଥିବା ଦାବି କରିଛି । ଇରାନୀ ସରକାରୀ ଗଣମାଧ୍ୟମ କହିଛି, ଆମେରିକୀୟ ଜାହାଜରେ ନିଆଁ ଲାଗିଯାଇଛି । ତେବେ କ୍ଷୟକ୍ଷତି ସମ୍ପର୍କରେ କିଛି କଣାପଡ଼ିନାହିଁ । ଏହି ଘଟଣା ସଂଘର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ସୂଚିତ କରୁଛି । ଏହା ଯୋଗୁ ଇରାନରେ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଛଅ ଜଣ ଆମେରିକୀୟ ସୈନିକଙ୍କ ଜୀବନ ଯାଇଛି । ଶ୍ରୀଲଙ୍କାର ଦକ୍ଷିଣ

ଉପକୂଳରେ ଏକ ଆମେରିକୀୟ ବୁଡ଼ାଜାହାଜକୁ ବୁଡ଼ାଇ ଦେବାର ୨୪ ଘଂଟାରୁ କମ୍ ସମୟ ମଧ୍ୟରେ ଏକ ଇରାନୀ ଯୁଦ୍ଧଜାହାଜ ଫ୍ରିଗେଟ୍ ଆଇରିସ୍ ଡେନାକୁ ଭାରତ ମହାସାଗରରେ ଆକ୍ରମଣ କରାଯାଇଥିଲା । ଏହା ଦ୍ୱାରା ଯୁଦ୍ଧ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଜିଲ୍ଲାସ୍ତରୀୟ ଜରାୟୁ କର୍କଟ ଟୀକା କରଣର ଶୁଭାରମ୍ଭ

ଖୋର୍ଦ୍ଧା, ୫/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜରାୟୁ କର୍କଟରେ ନିରାକରଣ ମିମିତ ଏକ ପି ଭି ଟୀକା କରଣ ଅଭିଯାନ ଶୁଭାରମ୍ଭ କରିଛନ୍ତି । ଏହି ମାହତ ଅଭିଯାନରେ ଜିଲ୍ଲାର ସମସ୍ତ ୧୪ ବର୍ଷ ବୟସର ବାଳିକାଙ୍କୁ ଗାରସିଲ-୪ ଟୀକାର ଡୋଟିଏ ଡୋଜ ଦିଆଯିବ । ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟୀକା ପ୍ରଦାନ କରାଯିବ । ଏଥି ପାଇଁ ତିନି ମାସ ମଧ୍ୟରେ ୧୪୬୨୯ ଜଣଙ୍କୁ ଟୀକା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏହି ଟୀକା ୩୩ଟି ଦେୟ ମୁକ୍ତ ଅଟେ । ଏହି ଟୀକା ଅଭିଯାନ ଫଳରେ ଦେଶର ମାତୃଶକ୍ତିଙ୍କୁ ନିରୋଗ ରଖାଯାଇ ପାରିବ ଏବଂ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧି ହେବ । ଏହି କାର୍ଯ୍ୟ କ୍ରମରେ ସହକାରୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମ ପ୍ରସନ୍ନ ମିଶ୍ର, ଜିଲ୍ଲା ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ, ଡାକ୍ତର ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ ଏହି ଟୀକା କରଣ ଅଭିଯାନକୁ ସଫଳ ଗୁଡ଼ାୟନ କରିବାପାଇଁ ଉପାଦେୟ ପରାମର୍ଶ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟ କ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ପାରମାଣିକ ସମେତ ସମସ୍ତ ଆଶା କର୍ମୀ, ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ । ଶେଷରେ ଆଇ ସି ଏ ଦେବଦୁତି ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ରାୟଗଡ଼, ୫/୩ (ଆ.ପ୍ର) : ରାୟଗଡ଼ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଂକଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲ୍ଲାର ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି । ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଲକ୍ଷ୍ୟରୁ ପରିମାଣ ଓଆରଏସ୍ ପ୍ୟାକେଟ ଓ ଖିଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଧୁ ବିଭିନ୍ନା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା । ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ଶୌର ପରିଷଦ, ବ୍ଲକ, ଏନ୍‌ଏସି ପଶୁ ଜଳଛତ୍ର ଖୋଲାଯିବାକୁ ସ୍ୱତନ୍ତ୍ର ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଡିସି ତଥା ଇଓ ଜିଲ୍ଲାପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡି ବୈଠକରେ ପୁଣିଥରେ ବିଡିଓ ମାନଙ୍କୁ ସୂଚନା ଦେଇଥିଲେ । ଜିଲ୍ଲାର ସମସ୍ତ ଗ୍ରାମରେ ଜଳକ୍ଲିଷ୍ଟ ସ୍ଥାନ ଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବଶହ, ଅତଳ ନଳକୂପ, ସୌର ଚାଳିତ ନଳକୂପ ଗୁଡ଼ିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀଣ ଜଳଯୋଗାଣ ସଂସ୍ଥା ନିର୍ଦ୍ଦିଷ୍ଟ ଯତ୍ନ କରାଯାଇଛି । ଖରାପ ନଳକୂପ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତ୍ରାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସଂଗଠନ ଜନପ୍ରତିନିଧି ମାନଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି । ଗ୍ରୀଷ୍ମ ଦିନରେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉତ୍ପନ୍ନ, ବିଦ୍ୟୁତ ବିଚ୍ଛାଟ ନ ହେବ, ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଆଙ୍ଗନବାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସଳାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଖିଷଧ ମହୁଦ ରଖିବା ଶ୍ରମିକମାନଙ୍କ କାର୍ଯ୍ୟ ସମୟକୁ ସେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ଯାତ୍ରୀବାହୀ ବସ ଯାତାୟାତ କରିବା ସମୟ ଓ ଶ୍ରମିକ ମାନଙ୍କ ସମୟରେ ପରିବର୍ତ୍ତନ କରିବାକୁ କୁହାଯାଇଛି । ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାରୀ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଜିଲ୍ଲାସ୍ତରରେ, ବ୍ଲକ, ଜିଲ୍ଲାସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ ନିୟନ୍ତ୍ରଣ କକ୍ଷ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ ଲେଙ୍କିଡ଼, ଜିଲ୍ଲା ମୁଖ୍ୟ ଜନ୍ମନ ତଥା କାର୍ଯ୍ୟ ବିଭାଗୀୟ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡି, ଉପଜିଲ୍ଲାପାଳ ରାୟଗଡ଼, ଶ୍ରୀ ରମେଶ କୁମାର ଜେନା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀମତୀ ମମତା ଚୌଧୁରୀ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଆଦି ଯୋଗଦାନ କରିଥିଲେ ।

ଜି.ଉଦୟଗିରିରେ ୧୧୦ ତମ ବିଜୁ ଜୟନ୍ତୀ ପାଳିତ

ଜି.ଉଦୟଗିରି, ୫/୩ (ଆ.ପ୍ର) : ଓଡ଼ିଶାର ଗର୍ବ ଗୌରବ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ତଥା ବିଜୁ ବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ବଡ଼ସାହି ପରିସର ସ୍ଥିତ ପାରେ ଏନଏସି ଓ ବ୍ଲକ ବିଜେଡି ସଂଗଠନ ତରଫରୁ ପାଳନ କରାଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ବିଜୁ ବାବୁଙ୍କ ଫୋଟ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ବଳୟ ଜର୍ମାନିର୍ଣ୍ଣ ଓ ନଗର ସଭାପତି ଅନିଲ କୁମାର ଦଳବେହେରା ଓ ବ୍ଲକ ସଭାପତି ଲିଙ୍ଗରାଜ କର୍ଣ୍ଣିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଗ୍, ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଜିଲ୍ଲା ଉପସଭାପତି ପି ଏକ୍ଷାଂଚ କୁମାର ପତ୍ର, ଜିଲ୍ଲ ସାଧାରଣ ସମ୍ପାଦକ ସମୀର କୁମାର ପାଢ଼ୀ, ଜିଲ୍ଲା ସଂଖ୍ୟାଦକ ଗୋପାଳ କୃଷ୍ଣ ମହାପାତ୍ର ଯୋଗ ଦେଇ ବିଜୁ ବାବୁଙ୍କ ଉଦ୍ଦେଶ୍ୟ ରେ ନିଜ ନିଜ ମତ ରଖିବା ସହ ସ୍ମୃତି ଚାରଣ କରିଥିଲେ । ବିଜୁ ବାବୁଙ୍କ ଜୟନ୍ତୀ ପାଳନ ଅବସରରେ ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟରେ ଆଲୋଚନା ହେବା ସହ ଆସନ୍ତା ପଂଚାୟତ ଓ ପୌର ନିର୍ବାଚନ ମିଳିତ ଭାବେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି କର୍ମୀ ଜାଳୁଚରଣ ପଣ୍ଡା,ସୁବାଶ ଶତପଥୀ, ଜାଳିନୀ ପ୍ରିୟଦର୍ଶିନୀ, ଜୁଡାଞ୍ଜଳି ନାୟକ, ବ୍ରହ୍ମାନନ୍ଦ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, କାଉଁସିଲର ସିଦ୍ଧେଶ୍ୱରୀ ନାୟକ, ମୋନାଲିଶା ଦଳବେହେରା, ନନ୍ଦିତା ପ୍ରଧାନ, ଲିଟିକା ପ୍ରଧାନ,ଲକ୍ଷ୍ମୀପ୍ରିୟା ପରିଛା, ଦୀପକ କୁମାର ନାୟକ, ସମିତି ସଭ୍ୟ ମାଲାବତ୍ତ କର୍ଣ୍ଣିଙ୍କ, ସରମଫଟ ଡ୍ରିଶାଳା ପ୍ରଧାନ,ମହମ୍ମଦ ଆଳମାସ, ପିଲୁ ନାୟକଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପଶ୍ଚିମବଙ୍ଗରେ ଦଶପଲ୍ଲା ବିଜେପି ନେତାଙ୍କୁ ମିଳିଲା ଦାୟିତ୍ୱ

ଦଶପଲ୍ଲା, ୫/୩ (ଆ.ପ୍ର) :ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି ନିଜର ସାଂଗଠନିକ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛି । ଏହି କ୍ରମରେ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନ ମଣ୍ଡଳର ବିଜେପି ନେତା ରାଘବ ମଲ୍ଲିକଙ୍କୁ ପଶ୍ଚିମବଙ୍ଗରେ ବଦଳୀ କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଇଛି । ରାଘବ ମଲ୍ଲିକଙ୍କୁ ପଶ୍ଚିମବଙ୍ଗର ନିର୍ଦ୍ଦିଷ୍ଟ ଅଂଚଳରେ ବିଜେପିର ସାଂଗଠନିକ ସ୍ଥିତି ମଜବୁତ କରିବା ଏବଂ ପ୍ରଚାର କାର୍ଯ୍ୟର ତତ୍ତାବଧାନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଓଡ଼ିଶା ସୀମାବର୍ତ୍ତୀ ଏବଂ ଓଡ଼ିଆ ଭାଷାଭାଷୀ ଲୋକ ରହୁଥିବା ଅଂଚଳଗୁଡ଼ିକରେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ତାଙ୍କୁ ଗୁରୁତ୍ୱ ଦିଆଯାଇଛି । ଦଶପଲ୍ଲାରେ ଚାଙ୍ଗର ସକ୍ରିୟତା ଏବଂ ଦଳ ପ୍ରତି ନିଷ୍ଠାକୁ ଦେଖି ହାଇକମାଣ୍ଡ ତାଙ୍କୁ ଏହି ଆନ୍ତଃ-ରାଜ୍ୟ ଦାୟିତ୍ୱ ପ୍ରଦାନ କରିଛନ୍ତି । ରାଘବ ମଲ୍ଲିକ ଗତ ଓଡ଼ିଶା ବିଧାନସଭା ନିର୍ବାଚନରେ ଦଶପଲ୍ଲା ଆସନରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ବର୍ତମାନ ତାଙ୍କୁ ପଡ଼ୋଶୀ ରାଜ୍ୟରେ ଦାୟିତ୍ୱ ମିଳିବା ତାଙ୍କ ରାଜନୈତିକ କାରିୟର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଲୋଚନା ହେଉଅଛି ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳିତ

ଧାମନଗର, ୫/୩ (ଆ.ପ୍ର) : ଧାମନଗର ବ୍ଲକ ଓ ଏନ୍ ଏ ସି ଅଂଚଳରେ ଓଡିଶା ମାଟିର ଗର୍ବ ଗୌରବ,ଜାତିର ମହାନ ଜନନାୟକ, ସ୍ୱାଧୁନତା ସଂଗ୍ରାମୀ,ତାଙ୍କ ପରାଜ୍ରମ ଆଗେ ସାରା ବିଶ୍ୱ ନତମସ୍ତକ ତଥା ଓଡ଼ିଶାର ସ୍ୱାଭିମାନ ବରପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜୁ ଜନତା ଦଳ ତରଫରୁ ବ୍ଲକ ସଭାପତି ପ୍ରତାପ ସାମଲ ଏବଂ ନଗର ସଭାପତି ବିଜୟ କେତନ ସାହୁଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ଧୁଣ୍ଡୁରୀ ଏବଂ ଏନ ଏ ସି ଅଧିକରେ ସ୍ଥାପିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭତ୍ତକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଧୁଣ୍ଡୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ,ଏନ୍ ଏ ସି ଅଧକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜବାନି ଜାବାଣି, ସମବାୟ ଡାଇରେକ୍ଟର ଦଶରଥ ଜେନା, ସରମଫଟ ଅଜୟ କୁମାର ମଲ୍ଲିକ, ନରେନ୍ଦ୍ର ନାରାୟଣ ନାୟକ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ, ସୂର୍ଯ୍ୟକାନ୍ତ ନାୟକ, ଭାରତ ବିଜୟ ଦଳେଇ, ସନ୍ଦୀପ ସ୍ୱାଇଁ, ବିଜୟ କୁମାର ମିଶ୍ର, ବଳେନ୍ଦ୍ର ମହାନ୍ତି, ସେକ ମୁସ୍ତାକ, ସେକ ଜାଫର ଅଲ୍ଲାଙ୍କ ସହ ବିଭିନ୍ନ ପଂଚାୟତର ସରପଂଚ ଓ ସମିତି ସଭ୍ୟ ଏବଂ ପଂଚାୟତ ସଭାପତିଙ୍କ ସମେତ ବହୁ ଦଳୀୟ ନେତା ଓ ଆଗ ଧାତିର କର୍ମୀମାନ ଯୋଗଦେଇ ବିଜୁବାବୁଙ୍କ ନିତି ଆଦର୍ଶ ଓ ସାହାସିକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ବିଜୁ ପଟ୍ଟନାୟକ ଅମର ରହେ ସ୍ଲୋଗାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ରୋଗୀ ମାନଙ୍କୁ ଫଳ ବଣ୍ଟନ ସହିତ ବିଭିନ୍ନ ସ୍ଥାନରେ ବିଜୁ ବାବୁଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି । ଶେଷରେ ଲାଇନସିନର ଏମତି ଜୟନୁଲ ହକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ସିନାପାଲି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ

ସିନାପାଲି, ୫/୩ (ଆ.ପ୍ର) : ସିନାପାଲି ବ୍ଲକ ଅନ୍ତର୍ଗତ ସିନାପାଲି କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଗୁରୁବାର ଦିନ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଇଓ ଯତୀନ୍ଦ୍ର କୁମାର ସେଠ ଉଦ୍ଘାଟନ କରିଥିଲେ । ସ୍ଥାନୀୟ ସିଆରସିସି ବଂଶୀଧର ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବିଇଓ ଶ୍ରୀ ସେଠ ମୁଖ୍ୟ ଅତିଥି ଭାବେ ଓ ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ମତ ପ୍ରକାଶ ପାଇଥିଲା ଯେ, ପୁସ୍ତକକେନ୍ଦ୍ରିକ ମୌଖିକ ଶିକ୍ଷାଦାନ ତୁଳନାରେ ଶିକ୍ଷଣ ସାମଗ୍ରୀ ଆଧାରିତ ବ୍ୟବହାରିକ ଓ ଉଦାହରଣମୂଳକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରେ । ଏହା କୋମଳମତି ଶିଶୁମାନଙ୍କ ସ୍ମୃତିରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଏ ବୋଲି ଅତିଥିମାନେ ମତାମତ ଦେଇଥିଲେ । ବେବଫୁଟେଡ ପରେ ଅତିଥିମାନଙ୍କ ଦ୍ୱାରା ମେଳା ଉଦ୍ଘାଟିତ ହୋଇଥିଲା । କ୍ଲଷ୍ଟର ଅନ୍ତର୍ଗତ ପ୍ରାୟ ୧୦ଟି ବିଦ୍ୟାଳୟ ଏହି ମେଳାରେ ଭାଗନେଇ ନିଜନିଜ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଉଦଯାପନୀ ସଭାରେ ଶିକ୍ଷକ ନିକୁଞ୍ଜ ବିହାରୀ ସା ଧନ୍ୟବାଦ ଜ୍ଞାପନ କରିଥିଲେ । ଉଦଯାପନୀ ସମାରୋହରେ ସିଆରସିସି ବଂଶୀଧର ଜଗତ ଅଧକ୍ଷତା କରିଥିବା ବେଳେ ଏବିଇଓ ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ମାଝୀ ଓ ଜଗନ୍ନାଥପଦର ସିଆରସିସି ପ୍ରଦୀପ କୁମାର ନାୟକ ଉପସ୍ଥିତ ଥିଲେ । ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ଫିଏମଶ୍ରୀ ଜଳ ବିଦ୍ୟାଳୟ, ସିନାପାଲି ପ୍ରଥମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲସାପଡ଼ା ଦ୍ୱିତୀୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାପସି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଜଜୟ ସଭାକୁ ଶିକ୍ଷକ ଅତୁଳ କୁମାର ପାତ୍ର ପରିଚାଳନା କରିଥିବା ବେଳେ ଶେଷରେ ରଣ୍ଜିତ୍ରା ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ ।

ଅଙ୍ଗନୱାଡି କର୍ମୀଙ୍କ ଧାରଣା

ଦଶପଲ୍ଲା, ୫/୩ (ଆ.ପ୍ର) : ଏନ୍‌ଏସପିଡ୍ଲିଲ ଓ ଏଚସିଏମ୍ ଟଙ୍କା ନରୋମ୍ମେର ମାସରୁ ନପାଇ ଅଙ୍ଗନୱାଡି କର୍ମୀ ମାନେ ଖୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତୁରନ୍ତ ଅର୍ଥ ପ୍ରଦାନ ନିମନ୍ତେ ଦାବି କରି ଗୁରୁବାର ଦିନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ଏପରିକି ପ୍ରାପ୍ୟ ନମିଳେଲେ ମାର୍ଚ୍ଚ ମାସରୁ ଗରମ ରନ୍ଧା ଖାଦ୍ୟ ବନ୍ଦ କରିବେ ବୋଲି ଲିଖିତ ଭାବେ ଜଣାଇ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ । ସମସ୍ୟାର ସମାଧାନ ପାଇଁ ବିଭାଗୀୟ ପ୍ରତିଶ୍ରୁତି ପରେ ଧାରଣାରୁ ଓହରି ଥିଲେ ।

ଐତିହାସିକ ଛତିଆ ଅମରାବତୀ ମଠ ଦୋଳ ମିଳନ ମହୋତ୍ସବ ପା

ଶୁଭାରମ୍ଭ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଟିପିଏନଓଡିଏଲ ପକ୍ଷରୁ ଲାଇନମେନ ଦିବସ ପାଳିତ
ଲାଇନମେନମାନଙ୍କ ସମର୍ପଣ ଓ କର୍ତବ୍ୟ ନିଷ୍ଠାକୁ ସମ୍ମାନ

ବାଲେଶ୍ୱର, ୦୫/୦୩ (ଆ.ପ୍ର) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଡିଏଲ) ପକ୍ଷରୁ ସମସ୍ତ ସେବକ ତଥା କାର୍ଯ୍ୟାଳୟ ସ୍ତରରେ ଲାଇନମେନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଟିପିଏନଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜାନନ କାଲେଙ୍କ ଯୌରୋହିତ୍ୟରେ ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ପରିଚାଳନା ମୁଖ୍ୟ ନୀଲେଶ ପୋଟଫଡେ, କମର୍ଶିଆଲ ମୁଖ୍ୟ ଜୟଦୀପରାୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ମାନବ ସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବଳିକ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ଭଦ୍ରକ ବୈଦ୍ୟୁତିକ ମଣ୍ଡଳର ଅଧୀକ୍ଷଣ ଯନ୍ତୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଲାଇନମେନ ଦିବସର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ କର୍ମଚାରୀଙ୍କ ସମସ୍ତ ଅଧିକାରୀ ଆଭାସି ମାଧ୍ୟମରେ କାର୍ଯ୍ୟେତ୍ତରରେ ଭାଗ ନେଇଥିଲେ । ଲାଇନମେନ ଦିବସର ଆଲିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ସିଇଓ ଶ୍ରୀ କାଲେ ବର୍ଣ୍ଣାଇଥିଲେ ଯେ, ଲାଇନମେନମାନେ ହେଲେ ଟିପିଏନଡିଏଲର ପ୍ରମୁଖ ଯୋଦ୍ଧା ଓ ଯେକୌଣସି ପରିସ୍ଥିତି ଅଥବା ପରିବେଶ ହେଉ ନା କାହିଁକି ଉପଭୋକ୍ତାମାନଙ୍କ ପାଇଁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇଦେବା ନେଇ ସେମାନେ ସର୍ବଦା ତତ୍ପର ରୁହନ୍ତି । ଲାଇନମେନଙ୍କ କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ଆଧୁନିକ ପ୍ରଯୁକ୍ତି ଓ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ବେଳେ ସେମାନଙ୍କ ସେବା, ସ୍ୱାଭିମାନ ତଥା ଦାୟିତ୍ୱବୋଧକୁ ସମ୍ମାନ ଦେବା ଏହି କାର୍ଯ୍ୟକ୍ରମ ତଥା ଟିପିଏନଡିଏଲର ମୂଳ ଆଭିମୁଖ୍ୟ ବୋଲି ସେ କହିଥିଲେ । ବୈଦ୍ୟୁତିକ ଲାଇନରେ କାମ କରିବା ପୂର୍ବରୁ ନିର୍ଦ୍ଧାରିତ ସମସ୍ତ ସୁରକ୍ଷା ପ୍ରାବଧାନକୁ ନିଶ୍ଚିତ ରୂପେ ମାନିବା ସହ ସବୁବେଳେ ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ କରିବାକୁ ମଧ୍ୟ ସେ ଲାଇନମେନମାନଙ୍କୁ ପରାମର୍ଶ ଦେଇଥିଲେ । "ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଦିଗରେ ସମସ୍ତଙ୍କୁ ସାମିଲ କରିବା, ଶିକ୍ଷିତ କରିବା ଓ ସଶକ୍ତ କରିବା" ବିଷୟବସ୍ତୁରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ୫୫ତମ ଜାତୀୟ ସୁରକ୍ଷା ମାସ ପାଳିତ ହେଉଥିବାବେଳେ ଟିପିଏନଡିଏଲ ପକ୍ଷରୁ କର୍ମଚାରୀମାନଙ୍କୁ ସମସ୍ତ ସୁରକ୍ଷା ପ୍ରାବଧାନ ଅନୁସରଣ କରିବାକୁ ପରାମର୍ଶ ଦିଆଯିବା ସହ କୌଣସି ପରିସ୍ଥିତିରେ ମଧ୍ୟ ସୁରକ୍ଷା ମାର୍ଗଦର୍ଶିକାକୁ ଅବମାନନା ନ କରିବା ପାଇଁ ଆଧିକାରିକ ନିର୍ଦ୍ଦେଶନାମା ଜାରି ହୋଇଛି । କର୍ମାନୀ ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନେଇ କର୍ମାନୀ ଅଧିକାରୀ ତଥା ସହକାରୀ ସଂସ୍ଥା କର୍ମଚାରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବହୁବିଧ କାର୍ଯ୍ୟକ୍ରମ ତଥା ପ୍ରତିଯୋଗୀତା ଆୟୋଜନର ଯୋଜନା ରହିଛି । ଟିପିଏନଡିଏଲର ପକ୍ଷରୁ ଲାଇନମେନ ଦିବସ ପାଇଁ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର ରାଲି ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

'ସୃଷ୍ଟି' ଓ 'ଅଭ୍ୟୁଦୟମ' ପକ୍ଷରୁ 'କଥା ଓ କବିତା'ରେ ପାଳିତ ହେଲା ଫଗୁଣର ହୋଲି ମିଳନ

ବାଲେଶ୍ୱର, ୦୫/୦୩ (ଆ.ପ୍ର) : ସହର ବ୍ଲକ ଗୋଟୁଟି ସଂଚାୟତ ପଳାସପୁର ଛକ ଠାରେ 'କଥା ଓ କବିତା'ରେ ହୋଲି ପାଳିଲେ ଅଂଚଳବାସୀ । ସ୍ଥାନୀୟ ସାମାଜିକ ଅନୁଷ୍ଠାନ 'ସୃଷ୍ଟି' ଓ 'ଅଭ୍ୟୁଦୟମ'ର ମିଳିତ ସହଯୋଗରେ ନିଆରା ଭାବରେ ପ୍ରଥମ ଥର ପାଇଁ ଗ୍ରାମାଞ୍ଚଳ ପରିବେଶରେ ଉଚ୍ଚର ପର୍ବ ହୋଲି ପାଳନ କରାଯାଇଛି । ଏହି ଅବସରରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣାର ବରେଣ୍ୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ହୋଇ ଅଂଚଳ ବାସୀଙ୍କୁ ଉଦବୋଧନ ଦେବାସହ, ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଗୁରୁଜା ଛକ ଠାରୁ ଭାୟା ପଳାସପୁର ଛକ ଦେଇ ମଠସାହି ପର୍ଯ୍ୟନ୍ତ ଚୌତାଯୁକ୍ତ ରାସ୍ତା ରାସ୍ତା ଖୁଦନିକରେ ଆରମ୍ଭ ହେବ ବୋଲି କଥା ରଖିଥିଲେ । ଏହା ଅଂଚଳ ବାସୀଙ୍କୁ ହୋଲିର ଭେଟି ବୋଲି କଥା ଛକରେ ପ୍ରକାଶ କରିଥିଲେ । ହୋଲିରେ ସମ୍ପୂର୍ଣ୍ଣ ନିଶା ମୁକ୍ତ ବାତାବରଣର ବାର୍ତା ନେଇ, ଅନ୍ୟମାନଙ୍କ ମଧ୍ୟରେ 'ପ୍ରତିଭାଣ୍ଡା'ର ମୁଖ୍ୟ କବି ପ୍ରଶାନ୍ତ ଦାସ, ପ୍ରଭାକର ସରସଂଚ ବିରୁପାକ୍ଷ ମହାପାତ୍ର, ଯୁବକବି ମଧୁସୂଦନ ମିଶ୍ର, ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, 'ସୃଷ୍ଟି'ର ମୁଖ୍ୟ ସଂଚାଳକ ପରିତା, ଜୟନ୍ତ ହଂସ ରାଜ, ଚାରୁର ସମାଷ୍ଟା ଦାଶ, ଗଂ ବେବେନ୍ଦ୍ର ଧିନ୍ଦା ପ୍ରମୁଖ ଉପସ୍ଥିତ ହୋଇ କଥା ଓ କବିତା ରଖିଥିଲେ । କବି ସୁଧାକର ସେଠୀ ମଂଚ ପରିଚାଳନା କରିଥିବା ବେଳେ ଶକ୍ତି ପ୍ରସାଦ ରାଉତ ମଂଚ ଆହ୍ୱାନ ଓ ବେଦୀ ପ୍ରସାଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରଜ ପରିଡା, ଦିବ୍ୟଜ୍ୟୋତି ରାଉତ, ସୁଧାକର ରାଉତ, ଭଗବାନ ସାହୁ, ରଜନୀକାନ୍ତ ସାହୁ, ପରମା ନନ୍ଦ ସିଂହ, ଶୁଭାଂଶୁ ରାଉତ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

'ନାଚ୍' ନୃତ୍ୟାନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମ୍ମାନିତ ହେବେ ୪ ବିଶିଷ୍ଟ ମହିଳା

ବାଲେଶ୍ୱର, ୦୫/୦୩ (ଆ.ପ୍ର) : ନୃତ୍ୟ, କଳା ଓ ଐତିହ୍ୟର ଅଗ୍ରଣୀ ଅନୁଷ୍ଠାନ 'ନାଚ୍' ପକ୍ଷରୁ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୨୦୨୬ ମସିହା ପାଇଁ ସମ୍ମାନିତ ହେବାକୁଥିବା ମହିଳାମାନଙ୍କ ନାମ ଘୋଷଣା କରାଯାଇଛି । ଗତ ପାଂଚ ବର୍ଷ ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ସମାଜରେ ବିଭିନ୍ନ ବର୍ଗର କିଛି ପ୍ରତିଭା ସମ୍ପନ୍ନ ମହିଳାଙ୍କୁ ପୁରସ୍କୃତ କରାଯାଇଥାଏ । ଏହି କ୍ରମରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ସଫଳତା ଓ ଅବଦାନ ପାଇଁ ତାଗି ଜଣ ପ୍ରତିଭାଶାଳୀ ମହିଳାଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି 'ନାଚ୍'ର ଅଧକ୍ଷା ରୋନାଲିସା ପଣ୍ଡା ଏବଂ କବି ଶ୍ରୀଦେବ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଚଳିତବର୍ଷ ବିଶିଷ୍ଟ ଲେଖିକା ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିଣ୍ଧ୍ରୀ ସାହୁ (ବାଲେଶ୍ୱର), ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ପାରମିତା ସିରକାର (କୋଲକତା), ଶିକ୍ଷାବିତ ଓ ମୋର ସ୍ମିତ ପୁରୁବାଲ କନ୍ୟା ଆଶ୍ରମର ସମ୍ପାଦିକା ତଥା ସମାଜସେବୀ ସୁମତି ମହାନ୍ତି, ଏବଂ ଯୁବ ସାୟାଦିକା ଓ ଗାଳ୍ପିକା ସ୍ମୃତିଲତା ନନ୍ଦ ନାଚ୍ ମହିଳା ଉତ୍କର୍ଷ ସମ୍ମାନ ଲାଭ କରିବା ପାଇଁ ମନୋନୀତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୮ ତାରିଖ ଅପରାହ୍ନରେ 'ନାଚ୍' ପ୍ରେଶାଳୟରେ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବକ୍ତା ବିଧାୟିକା ତଥା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଯୋଗ ଦେଇଥିବା ବେଳେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହିବେ ।

୮୦ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୋଗରାଇ, ୦୫/୦୩ (ଆ.ପ୍ର) : ବାଲେଶ୍ୱର ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶୀକାନ୍ତ ବଡକ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଡାଳସାରି ଠାରେ ବ୍ରାଉନସୁଗାର ବିକ୍ରି ବେଳେ ଗୋପନୀୟ ସୂତ୍ରରୁ ଖବରପାଇ ଭୋଗରାଇ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ୮୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛନ୍ତି । ଏହି ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୮ ଲକ୍ଷ ହେବ ବୋଲି ଅବକାରୀ ଥାନା ପକ୍ଷରୁ ସୂଚନା ଦେଇଛନ୍ତି । ଗିରଫ ହୋଇଥିବା ଯୁବକ ହେଲେ ଜଗତସିଂହପୁର ଜିଲ୍ଲା କାଳିକୁଦା ଥାନା ଅଧୀନ ନାଲରା ଗ୍ରାମର ସତ୍ୟଜିତ ସ୍ୱାଇଁ (୨୮) । ଏନେଇ ଭୋଗରାଇ ଅବକାରୀ ଥାନାରେ ୨୨୯/୨୫-୨୬ ରେ ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ କୁମାର ମାଝୀ, ଏଏସଆଇ ବିଜୁପ୍ରିୟ ତ୍ରିପାଠୀ, କନଷ୍ଟେବଳ କହ୍ନୁଚରଣ ଦାସ ସହିତ ଅନ୍ୟ ମାନେ ସାମିଲ ଥିଲେ ।

ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା ହୋଲି ଉତ୍ସବ ଓ କବିତା ଆସର

ବାଲେଶ୍ୱର, ୦୫/୦୩ (ଆ.ପ୍ର) : କବିତାର୍ଥ ଶାନ୍ତି କାନନରେ ଫକୀର ମୋହନ ସାହିତ୍ୟ ପରିଷଦ ତରଫରୁ ହୋଲି ଉତ୍ସବ ଓ ହୋଲି କବିତା ଆସର ପାଳିତ ହୋଇଯାଇଛି । ଏଥିରେ ଡାକ୍ତର ଶ୍ରୋଧ୍ରୀ ସତ୍ୟଜିତ ନନ୍ଦ ପୌରୋହିତ୍ୟ କରିଥିଲେ । ଏହି ଅବସରରେ କବି କୁମାର ନାଥ ପାତ୍ର ଓ ପଦ୍ମଲୋଚନ ପ୍ରଧାନଙ୍କ ମିଳିତ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଆସରର ପ୍ରାରମ୍ଭରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା, ଡକ୍ଟର ଶିରୀଷ ଚନ୍ଦ୍ର ଜେନା, ଦୀପକ ବୋଷ୍ଟ, ପ୍ରକାଶ ଚାଟାର୍ଜୀ, ନିବାରଣ ଜେନା, ତପନ ରାୟ, ପ୍ରଭାତ କୁମାର ଆଚାର୍ଯ୍ୟ, ସମର ବଲୁଲ ଭୋଲ, ଦୀପକ ଦାସ, ଟଂକନ ବାଗ, ଦୀପକ ଦାସ, ସନ୍ତୋଷ କୁମାର ସାହୁ, ଦେବେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମହାନ୍ତି, ଶକ୍ତିଳତା ପଣ୍ଡା, ବାସନ୍ତୀ ଦେ, ଅର୍ଚ୍ଚନା କର, ଶାନ୍ତି ବିଶି, କବିତା ଜେନା, ପ୍ରଜ୍ଞାଲାଣୀ ମଲ୍ଲିକ, ସଂଗୀତା ରଥ ପ୍ରଭୃତି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିବା ସହିତ ହୋଲ ପୂର୍ଣ୍ଣିମା ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ସମ୍ପାଦକ ରତ୍ନାକର ସିଂହ ପ୍ରାକ୍ କଥନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରବାଦପୁରୁଷ ବିଜୁବାବୁଙ୍କ ୧୧୦ତମ ଜନ୍ମଜୟନ୍ତୀ ଓ ଆଲୋଚନାଚକ୍ର

ନୀଳଗିରି, ୦୫/୦୩ (ଆ.ପ୍ର) : ମହାନ ଜନନାୟକ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମାର୍ଚ୍ଚ ୫ ତାରିଖ, ୧୧୦ତମ ଜନ୍ମଜୟନ୍ତୀ ଅବସରରେ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବହୁସଂଖ୍ୟାରେ ବିଜୁପ୍ରେମୀ ପୂର୍ବତନ ବିଧାୟକ ଜଂ ସୁଭାଷ କୁମାର ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ ନିକଟସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ବିଜେଡ଼ି କାର୍ଯ୍ୟାଳୟରେ ସମିତିତ ହୋଇଥିଲେ । ଏହି ଅବସରରେ ବିଜୁବାବୁଙ୍କ ଜୀବନକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ପୂର୍ବତନ ବିଧାୟକ ସୁଭାଷ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗାଳ୍ପ ମହିଳା ବରିଷ୍ଠ ଉପସଭାନେତ୍ରୀ ସୁମିତା ଝିଂ, ନୀଳଗିରି ବିଜେଡ଼ି ବ୍ଲକ୍ ସଭାପତି ରାଜୀବ ଦାସବାବୁ, ନଗର ସଭାପତି ଅତ୍ୟୁତ ପ୍ରଧାନ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଣ୍ଡୁଆ, ଛୋଟୁମୋହନ ଝିଂ, ଗଙ୍ଗାଧର ମିଶ୍ର, ଲୋକନାଥ ବଡେଜ, ପୂର୍ବତନ ୨ନମ୍ବର ଜିଲ୍ଲାପରିଷଦ ସଭ୍ୟା ମାଳତୀ ମାଝୀ, କମଳାମଣି ପରିଡା,ଯୁବନେତା ଭବସଚ୍ଚୋଦି ମହାନ୍ତି, କୁଦେବେ ସରକାର ପ୍ରମୁଖ ଯୋଗଦେଇ ଓଡ଼ିଶା ମାଟିର ଏହି ମହାନ୍ ଜନନାୟକ ତଥା ପ୍ରବାଦପୁରୁଷ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଯମ୍ବାଦେଉଶୀ ଗଠନରେ ବିଜୁବାବୁଙ୍କ ଅବଦାନ ଏବଂ ତାଙ୍କର ପ୍ରଦତ୍ତ ଅନୁସରଣକରି ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାବାସୀଙ୍କୁ ସେବାଯୋଗାଇ ଦେଇଥିବା ତାଙ୍କର ସୁଯୁକ୍ତ ନବୀନ ପଟ୍ଟନାୟକଙ୍କ ଅବଦାନ ବିଷୟରେ ଆଲୋଚିତ ହୋଇଥିଲା । ଶେଷରେ ଆଗାମୀ ଦିନରେ ବିଜୁବାବୁଙ୍କ ସ୍ୱପ୍ନର ଓଡିଶାକୁ ପୁନର୍ଜୀବିତ କରିବାକୁ ତୃଣମୂଳ ସ୍ତରରେ କାର୍ଯ୍ୟକରିବାକୁ ଏହି ସଭାରେ ଆହ୍ୱାନ ଦିଆଯାଇଥିଲା ।

ବ୍ଲକସ୍ତରୀୟ ୧୪ପର୍ଯ୍ୟାୟ ଭୀମଭୋଇ ସାମର୍ଥ ଶିବିର ଅନୁଷ୍ଠିତ

ନୀଳଗିରି, ୦୫/୦୩ (ଆ.ପ୍ର) : ଗ୍ରୁବାଲ ସ୍ଥାନୀୟ ସଂଚାୟତସମିତି ପରିସରରେ ବ୍ଲକସ୍ତରୀୟ ୧୪ପର୍ଯ୍ୟାୟ ଭୀମଭୋଇ ସାମର୍ଥଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ବେଳେ ମାନ୍ୟବର ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ୍ ଭାପାଧକ୍ଷ କେଦାରନାଥ ପୋଥାଲ, ବିଡିଓ ବିଭୂମ କେଶରୀ ପରିଡା ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଉପସ୍ଥିତ ଥିଲେ । ନୀଳଗିରି ସଂଚାୟତସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମପଂଚାୟତରୁ ବିଭିନ୍ନବର୍ଗରେ ଯଥା ମାନସିକ ଅନଗ୍ରସରରେ ୫୮ଜଣ, କ୍ଷେତ୍ରଜ, ଅଗ୍ନିଶଲ୍ୟ ୨୬୮ଜଣ ଏବଂ ଚଶୁରୋଗ୍ୟ ୯ଜଣ ମୋଟ ୩୮୫ ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜିକରଣ କରିଥିଲେ । ସେମାନଙ୍କୁ ଅକ୍ଷିଶ୍ର ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା ଏବଂ ଯୋଗ୍ୟବିବେଚିତ ହିତାଧିକାରୀଙ୍କୁ ବିଦ୍ୟାଙ୍କ ପ୍ରମାଣ ପତ୍ର,ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବ୍ୟାଙ୍କ ଋଣ ସୁବିଧା, ଅୟ ପ୍ରମାଣପତ୍ର ସହିତ ଯାତାୟାତ ନିମନ୍ତେ ବସ୍, ରେଳ ପାସ ଯୋଗାଇ ଦିଆଯାଇଥିବା ସ୍ଥଳେ ମାନ୍ୟବର ସାଂସଦ ଶ୍ରୀ ଷଡ଼ଙ୍ଗୀ ଜଣେ ଦିବ୍ୟାଙ୍ଗଙ୍କୁ ଚାରିଚାକିବେଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୀଳଗିରି ଗୋଷ୍ଠୀଉନ୍ନୟନ ଅଧିକାରୀ ବିଭୂମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଗୋଷ୍ଠୀ ସାମାଜିକ ସଶକ୍ତିକରଣ ଅଧିକାରୀ ନିମା ରାଉତ, କାର୍ଯ୍ୟକ୍ରମ ସହାୟିକା ଭାରତୀପ୍ରଭା ଲେଙ୍କା ସମେତ ସଂଚାୟତ ସମିତିର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସୂଚାରୁ ରୂପେ ସଂପାଦନ ହୋଇଥିଲା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ୟୁଥ ପାର୍ଲାମେଂଟ-୨୦୨୬' ଅନୁଷ୍ଠିତ

ନୀଳଗିରି, ୦୫/୦୩ (ଆ.ପ୍ର) : ଯୁବପିଢ଼ୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱଗୁଣର ବିକାଶକୁ ଲକ୍ଷ୍ୟ କରି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ୟୁଥ ପାର୍ଲାମେଂଟ-୨୦୨୬' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସଭାନାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ୱାତନ୍ତ୍ରୋତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର କେହେରା, କୁଳସଚିବ କୁଳୁମାଳା ଦାସ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡିପିଓ ଡକ୍ଟର ପ୍ରତିମା ପ୍ରଧାନ ଓ ଡକ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ଅତିଥିମାନଙ୍କ ଉପସ୍ଥିତିରେ "ଜଳବାୟୁ ପରିବର୍ତ୍ତନ ଓ ଗଣତନ୍ତ୍ର ପାଇଁ ଶିକ୍ଷା" ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରାୟ ୩୮ ଜଣ ପ୍ରତିଯୋଗୀ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଆମନ୍ତ୍ରିତ ବିଚାରକମଣ୍ଡଳୀଙ୍କ ଦ୍ୱାରା

ସମ୍ବାଦକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅବକ୍ଷୟ ପ୍ରକୃତ

ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ଚାରି ପଞ୍ଚଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ଗ୍ରୀଷ୍ମ ପ୍ରଚଣ୍ଡତା ତ କେମତର ମନ୍ଦଧ୍ୱନି, ଶରତ ର ଶୁଭ୍ର ଶୋଭାତ ତ ହେମନ୍ତର ଜାକର , ଶୀତର ଶୀତଜଡା ଓ ଶିଉଳୀର ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଶତ୍ରୁଶିରୁ ଲୀଳା ରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମା ର ଦିଗବିସ୍ତାରୀ ଶସ୍ୟକ୍ଷେତ୍ର , ଚରାଞ୍ଚଳ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଈଝୁରୀ ପର୍ବତମାଳା, ହଂସ କାରଣ୍ଡବ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ବୁ, ନାରୀକେଳ ଗଛ ପରିପୂର୍ଣ୍ଣ ମାଳ ମାଳ ଡୋଙ୍ଗା , ଝିଉଳୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦୁର୍ବଳତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଆଧିବୃଦ୍ଧି, ଜଳକାଠଖାଳ ମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଭକ୍ତ ଆଧୁନିକକରଣ ଓ ବେପରୁଆଆ ଆଚରଣିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏଇ ଅବଶ୍ୟୟ ପ୍ରକୃତି ଜୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଞ୍ଚଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମର ବିଷ୍ଣୁ ବଟପତ୍ର ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ଋଗ୍ବେଦ ପୁରାଣରେ ଅଦ୍ୟୋତାଳନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ମାହାପୁରୁଷ ଅଦ୍ୟୋତାଳନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ଥ ବୃକ୍ଷ ମୂଳରେ ବୁଦ୍ଧଦେବ ବିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରଚୋଳ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ , ଶିରିଷ, ନାଗକେଶର . ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଧଧୂପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ବନ୍ତୁ, ବୁତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପରମ୍ପରା ବର୍ଣ୍ଣନା କରାଯାଇଛି । ନବଜଳଦେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରତିକଳ୍ପ ବୃକ୍ଷ ପୂଜାକୁ ଆଜୁରୀ ଗୁଡ଼ିଏ ମନ୍ତ୍ର କରିଥାଏ, ବୁଢ଼ସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଞ୍ଚପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତାଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ, ରାଜଶର ଅଶୋକ ବାଟିକା, ବାନିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହାତ୍ମ୍ୟର । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରେ ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ବନମହୋତ୍ସବ ସପ୍ତାହ ହେଲା ସବୁଜ ସୁନ୍ଦର ଧରା ହସି ଉଠିବ

ବିଶ୍ୱାସହିଁ ସବୁଠୁଁ ବଡ଼

॥ ପ୍ରଦୀପ୍ତ କୁମାର ମିଶ୍ର ॥

ବିଶ୍ୱାସ ଏକ ଅନନ୍ୟ ସୁନ୍ଦର ପ୍ରତିଶବ୍ଦ ଯାହାର ଅର୍ଥ ବ୍ୟାପକ ଜିନ୍ଦୁ ଏକ ଶାବ୍ଦିବାଚକ ତତ୍ତ୍ୱ ବୋଲି ଗ୍ରହଣ କରାଯାଇପାରେ ।ବିଶ୍ୱାସର ଅନ୍ୟ ଅର୍ଥ ଭରଷା ଯାହା ପାଇଁ ସବୁବେଳେ ତୃତୀୟ ଓ ତୃତୀୟ ପୁରୁଷର ଆବିର୍ଭାବ ଏକାନ୍ତ ଜରୁରୀ । ଏହାକୁ କେବେ କେବେ ଆବେଗ ବୋଲି ମଧ୍ୟ ଗ୍ରହଣ କରିଛନ୍ତି, ତେବେ ଶ୍ରଦ୍ଧା, ସ୍ନେହ, ପ୍ରେମ, ଘୃଣା ଆଦି ଠାରୁ ଏହା ବହୁତ ସ୍ୱତନ୍ତ୍ର । ବିଶ୍ୱାସ ବଂଶବାର ଏକ ରାହା, ବଂଶବାର ଅନ୍ୟନାମୀ ବୋଲି କୁହାଯାଇଛି ।ଏହାର ଗୁଢ଼ଅର୍ଥ ବଡ଼ ବ୍ୟାପକ ଏହାକୁ ବିଶ୍ୱାସରେ ବୁଝାଯାଇପାରେନା ବରଂ ମାନସିକ ପରୀକ୍ଷାରେ ଗ୍ରହଣ କରାଯାଇପାରେ । ବିଶ୍ୱାସଗୁ ସଂସାର ଆଚରଣ ବୋଲି ଅନେକଙ୍କଠାରୁ ଶୁଣିବାକୁ ମିଳେ । କିନ୍ତୁ ଏହାଏକ ବ୍ୟାପକ ଭାବଧାରା,ଏକ ସ୍ପଷ୍ଟ ଅନୁଚିନ୍ତନ । ବିଶ୍ୱାସଦ୍ୱାରା ମିଛ ବେଳେବେଳେ ସତ୍ୟହୁଏ ବେଳେବେଳେ ସତ୍ୟ ମିଥ୍ୟା ହୋଇ ଲାଜିତ ହୁଏ । କେବଳ ଏହାକୁ ସ୍ଥାପନ କରିବା ବ୍ୟକ୍ତିବାଦ ଉପରେ ନିର୍ଭର କରେ । ବ୍ୟକ୍ତିବାଦ ହିଁ ଏହାକୁ ସ୍ପଷ୍ଟ ମୁକୁଳାଏ ପକାଇଦେବାରେ ସମର୍ଥ ହୋଇଥାଏ ।

ଭୂତର ବିଶ୍ୱାସ ପ୍ରେତ ଧାରଣାରେ ବିଶ୍ୱାସ ଆଣି ଆଜିପର୍ଯ୍ୟନ୍ତ ଏହି ତତ୍ତ୍ୱ ବଂଚିରହିଛି ସମସ୍ତଙ୍କ ମନରେ । ଗ୍ରହ ଚାଳନା ଗ୍ରହ କଳିତ ମଣିଷର ଭାଗ୍ୟରେଖାର ଆଦି ବିଶ୍ୱାସ ଯେ କେତେଜଣଙ୍କୁ ଅବସାଦକୁ ଠେଲିଦିଏ ଏକଥା ଜଳହିବା ବଗଁ ଭଲ । ଏହି ଶୂନ୍ୟ ଫଳକୁ ଆଶା ନିରାଶାର ମାଧ୍ୟମରେ ମଣିଷ ତାରବହୁମୂଲ୍ୟ ସମୟ ନଷ୍ଟକରେ । ସବୁଠାରୁ ବଡ ବିଶ୍ୱାସହିଁ ଈଶ୍ୱରବିଶ୍ୱାସ ଯାହା ମଣିଷକୁ ଏକ ସୁସ୍ଥ ଅନୁଗାମୀ କରିବାରେ ସାହାଯ୍ୟ କରିଥାଏ । ଈଶ୍ୱରଙ୍କ ସଂଜ୍ଞା ସେ ନିର୍ଦ୍ଦିଷ୍ଟ କରେ କେତେବେଳେ ଈଶ୍ୱରଙ୍କୁ ତା ନିଜମଧ୍ୟରେ ଅନୁଭବ କରେ କେତେବେଳେ ତ ସେ ଈଶ୍ୱରଙ୍କୁ ପ୍ରକୃତି ମଧ୍ୟରେ ଅନୁଭବ କରେ । ସେଥିରୁ ସେ ପ୍ରାପ୍ତକରେ ସୁନ୍ଦର ଅନୁଭୂତି ଗୋଟିଏ ଅଦ୍ଭୁତ ଦର୍ଶନ ଚଳିତୋଳେ ନିଜମଧ୍ୟରେ । ସେହି ଦର୍ଶନ ତାକୁଦେଇଥାଏ ସୁନ୍ଦର ଅନୁଭୂତି ।

କଥାରେ ଅଛି ପୃଥିବୀ ଆକାଶକୁ ବିଶ୍ୱାସକରେ ପୁଣି ଆକାଶ ସୂର୍ଯ୍ୟ ଚନ୍ଦ୍ରକୁ ବିଶ୍ୱାସକରେ । କିନ୍ତୁ ଏହା ଜନକଥା ସତ୍ୟରେ ବିରାଟ ମହାଜଗତିକ ଶକ୍ତି ଦ୍ୱାରା ଏହି ଚଳନ୍ତମାନ ଗ୍ରହ ନକ୍ଷତ୍ର ମାନେ ଆତଯାତ ହୋଇଥାନ୍ତି, ଏଥିରେ ସାମାନ୍ୟ ତମ ତ୍ରୁଟି ବିଚ୍ୟୁତି ଦେଖାଯାଇନଥାଏ । କିନ୍ତୁ ସୌରଜାଗତିକ ବିଶ୍ୱାସରେ ଚନ୍ଦ୍ର ପୃଥିବୀ ସୂର୍ଯ୍ୟ ଏକ ପରିବାରର । ସେମାନେ ପରସ୍ପରକୁ ବହୁତ ଭଲପାଇଥାନ୍ତି ବେଳେବେଳେ କୌଣସି କାରଣ ବସତ ଅସତ କାମରାଗି ବେଳେବେଳେ ଅଭିଶପ୍ତ ହୋଇ ଆଲିଶାପକୁ ବନ୍ଧନ କରି ସାରାଜୀବନ ଗତିଶୀଳ ହୋଇଥାନ୍ତି । କିନ୍ତୁ ଏହା ବିଜ୍ଞାନ କହେ ମହାଯାଗତିକ ଆକର୍ଷଣ ଓ ବିକର୍ଷଣ ରେଗିଷ୍ଟିରହିଛି ଏ ସୌର ଜଗତ ଏ ତାରକା ମଣ୍ଡଳ ।

କିନ୍ତୁ ଏହି ଧରିତ୍ରୀରେ ବିଶ୍ୱାସ ଏକ ଅନନ୍ୟ ଧାରଣା, ଏହାଦ୍ୱାରା ବଂଚିରହିଥାଏ ବିରାଟ ପରିବାର ସମାଜ ଜନସମାଜ । ବିଶ୍ୱାସ ହିଁ ସୃଷ୍ଟିକରେ ଶିଶୁ ,ଶିଶୁ ହିଁ ଦେଇଥାଏ ଅପୂର୍ବ ସଚେତନତା, ଏହାର ସାମୂହିକ କ୍ରିୟା ଦ୍ୱାରା ସୃଷ୍ଟି ହୁଏ ଚେତନା । ଚେତନା ହିଁ ସଭ୍ୟତା ର ମୂଳମନ୍ତ୍ର ଚେତନା ହିଁ ସଂସ୍କୃତି, ଚେତନା ହିଁ ସମାଜର ଆତ୍ମା । ବିଶ୍ୱାସ ଏକ ଅଦୃଶ୍ୟ ଭାବନା ଯେଉଁ ଏହି ଅଦୃଶ୍ୟତାରେ ଭରି ରହିଛି ଆନନ୍ଦର ଅମୋଘ ସ୍ରୋତ । ଯେଉଁଠାରେ ଏହି ପ୍ରବହମାନ ସ୍ରୋତ ଗୁଳିଯାଇଛି ସେହିଠାରେ ଆରମ୍ଭ ହୋଇଛି ରକ୍ତପାତ ସମାଜର ଏକ ବିରାଟ ଅବକ୍ଷୟ । ବାପାମାଆ ପୁଅଝିଅ ଓ ପରିବାର ଅନ୍ୟ ସମସ୍ତ ଏକବିଶ୍ୱାସର ଅଣୁ ବନ୍ଧନରେ ବିଦ୍ୟମାନ ।ଶିକ୍ଷା ସଚେତନତା ସଂସ୍କାର ଏସବୁ ବିଶ୍ୱାସର ଅନ୍ୟନାମ, ଏହି ଅଦୃଶ୍ୟତାରେ ବିରାଟ ମାନୁ ସମାଜ ପରିଚାଳିତ । ବିଶ୍ୱାସ ଦ୍ୱାରା ପ୍ରସ୍ତର ଓ ମଣିଷ ମଧ୍ୟରେ ସୃଷ୍ଟିହୋଇଥାଏ ଅନନ୍ୟ ସମ୍ପର୍କ ଯେଉଁ ସମ୍ପର୍କ କେଉଁ ଅନାଦିକାଳରୁ ସନାତନ ବୋଲି ପ୍ରତିପାଦନ କରେ । ଏହାଦ୍ୱାରା ପାରିବାରିକ ସମ୍ପର୍କ ସୃଷ୍ଟି ହୁଏ ଏହାର ସୋହାର୍ଦ୍ଦ୍ୟ ପୂର୍ଣ୍ଣ ସ୍ଥିତି ଉପଯୁକ୍ତ ସମାଜପାଇଁ ପ୍ରେରିତ ହୋଇଥାଏ । ବିଶ୍ୱାସହିଁ ସ୍ନେହଶ୍ରଦ୍ଧାର ଜନକ, ବିଶ୍ୱାସ ଦ୍ୱାରା ସୃଷ୍ଟି କରାଯାଇପାରେ ଏକ ବିରାଟ ଆହ୍ୱାନ, ଯେଉଁ ଆହ୍ୱାନ ଏକ ପରିବର୍ତ୍ତନକୁ ଜାଗରକଦାଏ । ଶାସକ ଉପରେ ନାଗରିକ ବିଶ୍ୱାସ ରଖେ, ଶାସକ ତାର ଯନ୍ତ୍ରୀ ତନ୍ତ୍ରୀ ମନ୍ତ୍ରୀ ଏମାନଙ୍କ ଉପରେ ବିଶ୍ୱାସ ରଖିଥାଏ, ଯେଉଁଠି ଗୋଟିଏବି କମ ହୋଇଯାଏ ସେତେବେଳେ ଆରମ୍ଭ ହୁଏ ଅଶାନ୍ତି ଯାହା ବିଦ୍ରୋହର ଜନକ । ମାଆର ମମତା ବିଶ୍ୱାସର ଏକ ସୁଦୃଢ଼ ଉଦାହରଣ ।ଯାହାଦ୍ୱାରା ସନ୍ତାନ ତାର ପଦାଙ୍କ ଅନୁସରଣ କରେ । ସେହି ସ୍ଥିତି ହିଁ ପ୍ରଦାନ କରିଥାଏ ଏକ ସୁଦୃଢ଼ ନାଗରିକ । ପିଲାବେଳେ ଆମେ ଏକ ଗଳ୍ପ ସମସ୍ତେ ଶୁଣିଛନ୍ତି ଯାହା ଶବେମିଗା କଥା, ଗୋଟିଏ ବାଘର ଭୟରେ ଭାଲୁ ଓ ମଣିଷ ଗୋଟିଏ ଗଛ ଉପରେ ଚଢ଼ିଗଲେ ପ୍ରଚର ପ୍ରଚର ଅନିଦ୍ରା ରହି ଜଗିବାକୁ କଥା ରହିଲାରୁ ଭାଲୁ ବାଘ କଥାରେ ପୁରାବିତ ହୋଇନଥିଲା,ମଣିଷର ଗୁରୁଶ୍ରା ଦେଇଥିଲା,ହେଲେ ମଣିଷ ବାଘଭୟରେ ପ୍ରଭାବିତ ହୋଇ ଭାଲୁସହ ବିଶ୍ୱାସଘାତ କରିଥିଲା । ଏହି ଗଳ୍ପରେ ବିଶ୍ୱାସଘାତ ର ଭଲା ଆସେ, ଯଦି ବିଶ୍ୱାସକୁ ଗତିଶୀଳ କରାଇପାରିବା ତେବେ ସମ୍ପର୍କ ବହୁଦିନ ରହିପାରିବ । ସବୁଠାରୁ ବଡ଼ ବିଶ୍ୱାସର କଥା ସ୍ୱାମୀସ୍ତ୍ରୀ ମଧ୍ୟରେ, କେହି କାହାକୁ ନବିଶ୍ୱାସ ମଧ୍ୟ ବିଶ୍ୱାସରେ ପରସ୍ପରକୁ ଜେଇ ଏକ ଛୋଟ ସମାଜ ଗଠନର ପରିକଳ୍ପନା ହୋଇନପାରେ ।ପ୍ରିତି ହିଁ ଏହି ସମୟରେ ସବୁଠାରୁ ସୁନ୍ଦର ପରିକଳ୍ପନା । ଅତଏବ ବିଶ୍ୱାସରେ ସବୁ ସମ୍ଭବ, ବିଶ୍ୱାସ ବିନା ପୃଥିବୀର ପାରସ୍ପରିକ ସମ୍ପର୍କର ମର୍ତ୍ୟୁ ଘଟିଥାଏ । ସମ୍ପର୍କହିଁ ପାର୍ଥିବତା, ପୃଥିବୀର ଅନନ୍ୟ ଅନ୍ୟତମ ଭାବଧାରା ।

ସାଜପୁର
ମୋ-୯୬୫୮୬୧୪୭୨୮

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମହାନ ଉତ୍ସବ 'ବାଲିଯାତ୍ରା' : ରାଜ୍ୟପାଳ

॥ ବାଦଲ ଭୂୟାଁ ॥

ଓଡ଼ିଶାର ମହାମହିମ ରାଜ୍ୟପାଳ ଭାବେ ରଘୁବର ଦାସ ଦାୟିତ୍ୱ ନେବା ପରେ ହଜାର ବର୍ଷର ସହର ଭାବେ ପରିଚିତ କଟକର ବାଲିଯାତ୍ରାର ଗରିମାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କଟକିଆମାନେ ଯେଉଁ ସୁଜାତି ବିଶ୍ୱ ପ୍ରସିଦ୍ଧ ପାର୍ବଣ ପାଇଁ ନିଜକୁ ଗର୍ବିତ ମନେକରନ୍ତି ଗୋଟିଏ ଦେଖାଇ ବଶ୍ୱାସରା ଆଉ ଗୋଟିଏ ହେଉଛି ବାଲିଯାତ୍ରା । ବାଲିଯାତ୍ରା ପରି ଏକ ବିଶ୍ୱ ପ୍ରସିଦ୍ଧ ମଂଚରେ ରାଜ୍ୟପାଳଙ୍କୁ ପାଇବା କଟକିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ଥିଲା । ବାଲିଯାତ୍ରା ଲୁପ୍ତପ୍ରାୟ ସଂସ୍କୃତି ଓ ପରମ୍ପରା ଏକ ମହାନ ଉତ୍ସବ । ଏହା ଅତୀତର ଗୌରବମୟ ନୌବାଣିଜ୍ୟ ପରମ୍ପରାର ଓ କଳିଙ୍গର ଇତିହାସକୁ ସ୍ମରଣ କରେ ବୋଲି ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାମହିମ ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି । ଲୁପ୍ତକର ପୁଅମାନେ ନୌବାଣିଜ୍ୟ କରି ବିଶ୍ୱକୁ ବରାଂ ସହ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିପାରିଛେଲେ । ମହାକବି କାଳିଦାସଙ୍କ ରଘୁବଂଶମ୍‌ରେ କଳିଙ୍ଗର ନୌବାଣିଜ୍ୟ ବିଷୟରେ ଉଲ୍ଲେଖ ଅଛି । ଓଡ଼ିଶାର ସାଧକ ପୁଅ ମାନଙ୍କର ନୌବାଣିଜ୍ୟ କେବଳ ଯେ ଓଡ଼ିଶାକୁ ସମୃଦ୍ଧ କରିଛି ତାହା ନୁହେଁ ବରଂ ରାଷ୍ଟ୍ରୀୟ ଏବଂ ଅନ୍ତର୍ଜାତୀୟସ୍ତରରେ କଳା, ସଂସ୍କୃତି ଓ ପରମ୍ପରାର ଗୌରବ ମଧ୍ୟ ବୃଦ୍ଧି କରିଛି । ବାଲିଯାତ୍ରା ସହ ଏକ ଐତିହାସିକ କଳକ ସହରକୁ ପ୍ରଥମଥର ପାଇଁ ଆସି ପବିତ୍ର ମହାନଦୀର ଆଚରି କରିବା ମୋ ପାଇଁ ସୌଭାଗ୍ୟ ।

ମହାମହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିଥିଲେ, ଓଡ଼ିଶା ଏପରି ଏକ ରାଜ୍ୟ ଯାହା ପାଖରେ ସାମର୍ଥ୍ୟ, ସମ୍ଭାବନା ଓ ସଂଯୋଗ ରହିଛି । ରାଜ୍ୟରେ ବିଜିନ୍ନ କୋଣରୁ ଏସବୁଏକ ବିଶେଷ ଗୁଣ ଓଡ଼ିଶାକୁ କଟକର ଅବଦାନ ଉଲ୍ଲେଖନୀୟ ମୁଖ୍ୟମନ୍ତ୍ରୀ କବାନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁ କଟକର ବିକାଶ ଦେବା ସହ ରୂପ ବଦଳୁଛି । ବାଲିଯାତ୍ରାର ରୂପ ଓ ରଙ୍ଗ ଧୀରେ ଧୀରେ ବୃଦ୍ଧି ପାଇଛି ବୋଲି କହିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀସ୍ଥ ରାଜଦରବାର ଯୋଗଦେଇ କହିଲେ ଯେ ଏହି ଐତିହାସିକ ବାଲିଯାତ୍ରା, ସମସ୍ତେ ଏକତ୍ରିତ ହୋଇ କଳିଙ୍ଗର ବାର ମାନଙ୍କର ଗାଥା ମାନେ ପଢାଇବାର ଏକ ସୁଯୋଗ ପ୍ରଦାନ କରୁଛି । ଓଡ଼ିଆ ଭାଷା ଲୋକଲ ହୋଇନାହିଁ ଏବେ ଏହା ଗ୍ଲୋବାଲରେ ପରିଣତ ହୋଇଛି । ଆଗାମୀ ଦିନରେ ୧୦୦ଟି ଓଡ଼ିଆ ଗଳ୍ପକୁ ୪ଟି ଦେଶୀୟ ଭାଷାରେ ଅନୁବାଦ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ଓଡ଼ିଆ ଭାଷାର ଆହୁରି ଅଧିକ ପ୍ରଚାର ପ୍ରସାର ହୋଇପାରିବ ବୋଲି ଶ୍ରୀ ରାଜଦରବାର କହିଥିଲେ । ମେୟର ସୁବାସ ସିଂହ, ଡିସିପି ପିନାକ ମିଶ୍ର, ସିଡିଏ ଅଧ୍ୟକ୍ଷ ଅମଳ କୁମାର ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାପାଳ ନରନ୍ଦରି ସେଠୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଜମାଳାନ୍ତ ରାଜ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲିଯାତ୍ରା ପରି ବିଶାଳ ରଙ୍ଗମଂଚ ଓ ଖେଳାଣମେଳା ପଡ଼ିଆରେ ହଜାର ହଜାର ବିଜିନ୍ନ ଦୋକାନର ପସରା, ଖୋଦ ସରକାର ଭାବାବନଶ୍ରୀଣ ବହୁ ପ୍ରଶସ୍ତ ହେଉଛନ୍ତି । ଏଥିରେ ବି ଦରଦୀ ଦାୟିତ୍ୱବୋଧ କର୍ତ୍ତବ୍ୟବୋଧ ଗ୍ରାହକ ପ୍ରତି କାହାରି ନାହିଁ । ମୂଳ ଦ୍ରବ୍ୟର ମୂଲ୍ୟ କେତେ ଶ୍ରମ ଶକ୍ତି କେତେ ଲାଗିଛି ଦ୍ରବ୍ୟ ପ୍ୟାକରେ କେତେ ଖର୍ଚ୍ଚ, ପରିବହନ କେତେ ଖର୍ଚ୍ଚ ଏସବୁ ସମୀକ୍ଷା ସରକାରୀ ଅଧିକାରୀ କମିଟି କରୁଛନ୍ତି ତାହା ଗ୍ରାହକ ଜାଣିବାର ଉପାୟ ନାହିଁ । କୁଟୀର ଶିଳ୍ପ ଗ୍ରାମ୍ୟ କାରିଗରୀ ଶିଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ବଡ଼ ବଡ଼ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି । ବେକାରୀ ବୃଦ୍ଧି ଯୋଗୁ ପ୍ରଜା ଅସନ୍ତୋଷ, ଚୋରୀ ରାହାଜାନି, ଠକେଇ ବଢ଼ି ବଢ଼ି ଚାଲିଛି ବେକାରୀ ବଢୁଛି । ଧନୀ ଗରିବ ସମୀଚାରେ ଧନୀ ବଢୁଛନ୍ତି ଯାହା ଚଳାନରେ ଗରିବୀ ବୃଦ୍ଧି ଅସମିତ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ- ୯୪୩୮୯୯୮୩୩୨ / ୯୨୦୪୬୫୨୦୬୫,

ବର୍ଷୀୟାନ ରାଜନେତା ଡ଼ାଃ ବିଭୂତିଭୂଷଣ ହରିଚ଼ନ୍ଦନ

॥ ବିଶ୍ୱବିଜୟୀ ଦାଶ ॥

ଶୋଲରୀ, ଭାଲରୀ, ଗଂଭୀରୀ, ଖଣ୍ଡାଇଣୀ ପାହାଡ଼ ପରିବେଷ୍ଟିତ ମଗାଳ ମାଳିନୀ ନାଳାମୁ ଡ଼ିଲିକା ତଟ ଦେଶରେ ବାଣପୁର ମାଟି ତା ମଧ୍ୟରେ ଭାଟପଡ଼ା ଅଂଚଳର ଶ୍ୟାମଳ ସବୁଜିମା ଘେରା ଡ଼କ୍‌ଡ଼ା ପଥର ପାହାଡ଼ ପାଦଦେଶରେ ଗୋଡ଼ିମ୍ବେର ଗ୍ରାମ । ସେହି ମାଟିରେ ଜନ୍ମଗ୍ରହଣ କରିଥିଲେ ବିଭୂତିଭୂଷଣ ହରିଚ଼ନ୍ଦନ, ତାଙ୍କ ପିତା ସ୍ୱର୍ଗତ ପର୍ଶୁରାମ ହରିଚ଼ନ୍ଦନ, ଯିଏକି ଜଣେ ସ୍ୱାଧିନତା ସଂଗ୍ରାମୀ, ନିଃସ୍ୱାର୍ଥପର ଜନସେବକ ବିପ୍ଳବୀ ଜନନେତା ତଥା ଜାତୀୟତାବାଦୀ ନାଟ୍ୟକାର ।ଡ଼ାକ୍ତରୀ ପାଠ ପଢ଼ିସାରିବା ପରେ ନିଜେ ଡ଼ାକ୍ତରଖାନା ଖୋଲି ଚିକିତ୍ସା ସେବାରେ ମନ ବଳାଇଥିଲେ । ନିଜର ଦକ୍ଷତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତିତା ଫଳରେ ଚିକିତ୍ସା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ । ଶିକ୍ଷାର ବିକାଶ ନିମନ୍ତେ ନାଲୁଣୀ ଠାରେ ଅନ୍ୟ ସହଯୋଗୀ ମାନଙ୍କ ସହଯୋଗରେ ମହାବିଦ୍ୟାଳୟ ସ୍ଥାପନା କରିଥିଲେ । ସେହି ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଥାଇ ସେହି ମହାବିଦ୍ୟାଳୟକୁ ପ୍ରଗତି ପଥରେ ନେବାରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇ ଥିଲେ । ପରବର୍ତ୍ତୀ ସମୟରେ ଡ଼ିଲିକା ବିଧାନସଭା କ୍ଷେତ୍ରରୁ ତିନି ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ । ତାଙ୍କ ବିଧାୟକତ୍ୱ ସମୟରେ ଡ଼ିଲିକା ବି

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ମାଁ ମାଉଲି କପ ୨୦୨୬ କ୍ରିକେଟ ପ୍ରତିଯୋଗୀତା ଫାଇନାଲରେ ଚିଲିଗୁଡାକୁ ହରାଇ କୋଟାଆଗାଁ ଚମ୍ପିୟାନ

ଜୁନାଗଡ଼, ୦୫/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତାଲପଦର ଗାଁରେ ଯୁବନୁଷ୍ଠାନ ତରଫରୁ ଉଙ୍କାପନା ମିନିଷ୍ଟାଦିୟମ ଠାରେ ତା୨୫-୦୨-୨୦୨୬ ଠାରୁ ତା ୦୫/୦୩/୨୦୨୬ ପର୍ଯ୍ୟନ୍ତ ଟୁନାମେଣ୍ଟ ଜାରିରହିଥିଲା ଉକ୍ତ ଟୁନାମେଣ୍ଟରେ ୧୬ଟି ଦଳ ଭାଗନେଇଛନ୍ତି । ୨୪/୦୨/୨୬ ମଙ୍ଗଳବାର ଦିନ ଆରମ୍ଭ ହୋଇସାରିଥିଲା ପ୍ରଥମମେଚ ଅନୁଷ୍ଠିତ ହୋଇଥିଲା ଖମକପଡା ଏବଂ ଢ଼ଙ୍ଗରିଗୁଡା ମଧ୍ୟରେ ଢଙ୍ଗରିଗୁଡା ଟସ ଜିତି ପ୍ରଥମରେ ବେଟିଙ୍ଗ କରିବାକୁ ନିଂପତି ନେଇଥିଲା । ୧୦୫ଲର ଖେଳଶେଷ କରି ୪ୱିକେଟ ହରାଇ ୧୩୪. ରନ ସଂଗ୍ରହ କରିଥିଲା ଏବଂ ବିଜୟ ଲକ୍ଷ ରଖିଥିଲା ୧୩୫.ତର ଜବାବରେ ଖମକପଡା ୫ ୱିକେଟ ହରାଇ ମାତ୍ର ୭ ୨ରନ ସଂଗ୍ରହ କରିପାରିଲା ଉକ୍ତ ଫାଇନାଲ ଖେଳ ହେଇଥିଲା କୋଟାଗାଁ ଏବଂ ଚିଲିଗୁଡା ମଧ୍ୟରେ ପ୍ରଥମେ ଟସ ଜିତି କୋଟାଗାଁ ୧୦ ଓଭରରେ ୧୩୪ ରନ ୭ୱିକେଟ ବିନିମୟରେ ସଂଗ୍ରହକରିଥିଲା । ଚିଲିଗୁଡା ୬୭ରନକରି ଅଲ ଆଉଟ ହୋଇ ପରାଜୟ ହୋଇଥିଲା ଉକ୍ତ ଖେଳରେ ମୁଖ୍ୟ ଅଥିତି ଭାବେ ଜୁନାଗଡ଼ ବ୍ଲକ ରେଗମେନ ସବିତା ମେହେର, ପ୍ରମୋଦ କେହେରା, ଚାରାଶଙ୍କର ରାଏଗୁରୁ, ଟିକଚନ୍ଦ ବାଗ, ଦେବେନ୍ଦ୍ର ମେହେର, ଗୌରହରି ବାଗ ଉପସ୍ଥିତ ଥିଲେ ଅମ୍ପାର ଭାବରେ ଥିଲେ ଧରାମେନ୍ଦ୍ର ବାଗ ଓ ଆଲୋକ ନିଆଳ, ଉକ୍ତ ଟୁରନାମେଂଟର କେପଟେନ ସୁଶାନ୍ତ ବାଗ ଏବଂ ଷ୍ଟୋରବୋଡ୍ ଭାବେରହିଥିଲେ କାମିୟ ରନଞ୍ଜନ ମାଝୀ କରିଥିଲେ ।

ରାଇକିଆରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତି ପାଳିତ

ରାଇକିଆ, ୦୫/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାର ବର ପୁତ୍ର, ଇଷ୍ଟୋନେପିଆର ଭୂମିପୁତ୍ର, ସ୍ୱାଧୀନତା ସଂଗ୍ରାମୀ, ପ୍ରବାଦ ପୁରୁଷ, ଓଡ଼ିଶା ନିର୍ମାଣର ପରିକଳ୍ପନାର ଶିଳ୍ପୀ ତଥା ବିଶିଷ୍ଟ ଜନନାୟକ ବିଜୟାନନ୍ଦ ପଟ୍ଟନାୟକ (ବିଜୁ ବାବୁ)ଙ୍କର ୧୧୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଅଛି । ପୂରାତନରେ ବରିଷ୍ଠ କର୍ମୀ ନାରାୟଣ ଦିଗାଳଙ୍କ ଆହ୍ୱାନ କ୍ରମେ ସମସ୍ତ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏପରେ ସଭାପତି ଦେବିପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଜୁ ଜୟନ୍ତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ବରିଷ୍ଠ କର୍ମୀମାନେ ଯଥା କିଶୋର ଦିଗାଳ,ସରପଂଚ ଅକ୍ଷୟ ପ୍ରଧାନ, ସରପଂଚ ରବି ନାୟକ, ସଂତୋଷ ପରିଛା, ସୁଶିଳ ଦିଗାଳ, ରୋଶନ ନାୟକ, ଶୁଶୀଳ ପ୍ରଧାନ, ସମିତି ସଭ୍ୟ ତଥା ପୂର୍ବତନ ରେୟୋମନେ ପ୍ରଦୀପ କୁମାର ପ୍ରଧାନ ବିଜୁ ପଟ୍ଟନାୟକଙ୍କ ଜୀବନୀ ଓ ଐତିହାସିକ କାର୍ଯ୍ୟଗୁଡ଼ିକ ସହ ବ୍ୟକ୍ତିତ୍ୱ ଉପରେ ଅଭିଭାଷଣମାନ ପ୍ରଦାନ କରିବା ସହିତ ବଜାୟ ସଂଗଠନ ବୃଦ୍ଧି କରିବାକୁ ମତାମତ ଦେଇଥିଲେ । ମିଥୁନ ଦିଗାଳ ଓ ବ୍ରେମନ ଦିଗାଳ ଆୟୋଜନରେ ସହଯୋଗ କରିଥିଲାବେଳେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ରାହାମାରେ ଭାରତୀୟ ଜାତୀୟ ମାନବାଧିକାର ପରିଷଦର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ତିର୍ତୋଲ, ୦୫/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜ୍ୟକ କେନ୍ଦ୍ର ରାହାମା ଠାରେ ଭାରତୀୟ ଜାତୀୟ ମାନବାଧିକାର ପରିଷଦର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଗମ୍ଭୀର ଓ ଫଳଦାୟକ ଆଲୋଚନା ସହ ଅନୁଷ୍ଠିତ ହୋଇଥିଲା । ସଂଗଠନର ଜିଲ୍ଲା ସଭାପତି ମନୋଜ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ଓ ବ୍ଲକ ସ୍ତରରେ ସଂଗଠନର କାର୍ଯ୍ୟକଳାପକୁ ଆହୁରି ସକ୍ରିୟ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ବୈଠକରେ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଶାନ୍ତ ଗିରି ଅନଲାଇନ ମାଧ୍ୟମରେ ଯୋଗଦେଇ କହିଥିଲେ ଯେ ମାନବାଧିକାର ସୁରକ୍ଷା କେବଳ ଏକ ସଂଗଠନର କାର୍ଯ୍ୟ ନୁହେଁ, ଏହା ସମାଜର ସମସ୍ତ ସ୍ତରର ସହଭାଗିତାରେ ସମ୍ଭବ । ଗ୍ରାମାଂଚଳରେ ଆଜନଗତ ସଚେତନତା ଅଭାବ ଥିବାରୁ ଅନେକ ଲୋକ ନିଜ ଅଧିକାର ସମ୍ପର୍କରେ ଅବଗତ ନୁହନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ସଭାରେ ଆଲୋଚନା ହୋଇଥିଲା ଯେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ଗ୍ରାମସ୍ତର ପର୍ଯ୍ୟନ୍ତ ସଂଗଠନକୁ ଚଳନ୍ତରରେ ସୁଦୃଢ଼ କରିବା ଉପରେ ମତ ରଖିଥିଲେ । ସଦସ୍ୟମାନେ ସମାଜ ସେବାକୁ ବ୍ରତ ଭାବେ ଗ୍ରହଣ କରି ବିଗତ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକାଭିମୁଖୀ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ସହାୟତା ଲୋକଙ୍କୁ ସହଯୋଗ କାର୍ଯ୍ୟ କରିଥିବା ବିଷୟ ସଭାରେ ଉଲ୍ଲେଖ କରାଯାଇଥିଲା । ଆଗାମୀ ଦିନରେ ପଂଚାୟତ ସ୍ତର ପର୍ଯ୍ୟନ୍ତ ସଂଗଠନର କାର୍ଯ୍ୟକଳାପ ବିସ୍ତାର କରି ମାନବାଧିକାର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ ।

ବାଲିଗୁଡାରେ ବିଜୁବାବୁଙ୍କ ୧୧୦ ତମ ଜୟନ୍ତୀ ପାଳିତ

ବାଲିଗୁଡା, ୦୫/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ନିର୍ବାଚନ ମଣ୍ଡଳସ୍ଥିତ ମହାସିଙ୍ଗ ଠାରେ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଲାଭକ ମହାଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲା ବିଜେଡି ଉପସଭାପତି ବୁନା ଦାସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫୋଟୋ ଚିତ୍ର ରେ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ପୁଷ୍ପ ମାଲ୍ୟାର୍ପଣ କରି ବିଜେଡିର ସଂଗଠନକୁ ଅଧିକ ମଜବୁତ କରିବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ଶପଥ ପାଠ କରିଥିଲେ ବିଜେଡି କର୍ମୀ । ବିଜେପି ସରକାରରେ ଦୋହିଏ ମାସ ମଧ୍ୟରେ କୌଣସି ପ୍ରତିଶ୍ରୁତି ପାଳନ କରିନାହିଁ ବିଜେପି । ବରଂ ବିଜେପି ସରକାରରେ ନାରୀ ନିର୍ଯାତନା ବୃଦ୍ଧି ପାଇବା ସହ, ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିଛି, ଚାଷୀ ଆଜି ଚରାଶର ହୋଇଛନ୍ତି ବୋଲି ବିଜେଡି ଜିଲ୍ଲା ଉପସଭାପତି ବୁନା ଦାସ କହିଛନ୍ତି । ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଜବର ଦଖଲ ଲଇବେ, ଚାଷୀଙ୍କ ସମସ୍ୟା ପରି ଅନେକ ସମସ୍ୟା ନେଇ ଜନସାଧାରଣଙ୍କ ପାଇଁ ବିଜେଡି ସଦା ସର୍ବଦା ଲଢେଇ ଜାରୀ ରଖିବ । ଆବଶ୍ୟକ ପଡିଲେ ଲୋକଙ୍କ ନ୍ୟାର୍ଯ୍ୟ ଦାବି ସହ ହକ ପାଇଁ ରାଜ ରାସ୍ତାକୁ ମଧ୍ୟ ଓଲ୍‌ହାଇବ ବୋଲି ଆହ୍ୱାନ ଦେଇଛନ୍ତି ବିଜେଡି ଜିଲ୍ଲା ଉପସଭାପତି ବୁନା ଦାସ । ଏପରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ବରିଷ୍ଠ ବିଜେଡି ନେତା ପ୍ରମୋଦ ସାହୁ, ବାଲିଗୁଡା ନଗର ବିଜେଡି ସଭାପତି ଏମତି ସାବେକ ଭଦିନ, ବାଲିଗୁଡା ବ୍ଲକ ବିଜେଡି ସଭାପତି ଅଚନାକାନ୍ତ ନାୟକଙ୍କ ସମେତ ବାଲିଗୁଡା ନିର୍ବାଚନ ମଣ୍ଡଳୀ ଚାରି ଗୋଟି ବ୍ଲକ ର ବିଜେଡି ନେତା ଓ କର୍ମୀ ପ୍ରମୁଖ ଯୋଗ ଦେଇନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ ।

କେନାଲ କଡ଼ରୁ ବିରଳ କୃଷ୍ଣ ମୂର୍ତି ଉଦ୍ଧାର

ତିର୍ତୋଲ, ୦୫/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ୍ ବୁଲଗ ପଂଚାୟତ ବେଗୁଲିମିଠ ଗ୍ରାମ ସ୍ଥିତ କେନାଲ କଡ଼ରୁ ପୁରୁଣି ପଥରରେ ନିର୍ମିତ ବିରଳ କୃଷ୍ଣ ମୂର୍ତି ଉଦ୍ଧାର ହୋଇଛି । ସୂଚନା ମୁତାବକ ସେହି ଗ୍ରାମର ଭଗବାନ ଦାସ ବିଲରେ ମୁଗ ଶଣ ଖାଉଥିବା ବେଳେ ଶଣକୁ ଗୋଡଭାଙ୍ଗବା ପାଇଁ ବିଲକୁ ଗଲା ବେଳେ କେନାଲ କଡ଼ରୁ ଏହି ବିରଳ କୃଷ୍ଣ ମୂର୍ତି ଉଦ୍ଧାର କରିଥିଲେ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଗତବର୍ଷ ଫଂଚବଟୀ ପଡିଆ ଠାରେ ଚାଲିଥିବା ଯାତ୍ରା ଙ୍କ ଗୋଠ ମେଳଣ ପଡିଆ ନିକଟରେ ଥିବା ଛୋଟ ମନ୍ଦିର ଟିଏ ସେହି ମନ୍ଦିରରୁ ଶାନ୍ତ ଗ୍ରାମ ଓ ଛୋଟ ମୂର୍ତି ଚୋରି ହୋଇଯାଇଥିଲା । ଗୋଠ ମେଳଣ ରେ ପାଚୁରା ଲାଗିଥିବା ଚଳାଚୁଆ ଏହି ମୂର୍ତି ବିଷୟରେ ଜଣିଷାକରଣ କରିଥିଲେ ଯେ, ଆସନ୍ତାବର୍ଷ ମେଳଣ ପୂର୍ବରୁ, ନିର୍ଣ୍ଣିତ ଏହି ମୂର୍ତି ମିଳିବ ବୋଲି । ଠିକ ବର୍ଷେ ପରେ ଏହି ମୂର୍ତି ମିଳିବା ପରେ ସ୍ଥାନୀୟ ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଭଗବାନ ଦାସ ଏହି ମୂର୍ତିକୁ ପାଇବା ପରେ ସ୍ଥାନୀୟ ଗୋଠ ମେଳଣ ପଡିଆ ନିକଟ ମନ୍ଦିରକୁ ଯାଇ ପୂଜାକଲୁ ହସ୍ତାନ୍ତର କରିଛନ୍ତି ।

କୁକୁଡାଖଣ୍ଡି ବ୍ଲକରେ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ

କୁକୁଡାଖଣ୍ଡି, ୦୫/୦୩ (ଆ.ପ୍ର) : କୁକୁଡାଖଣ୍ଡି ବ୍ଲକରେ ଗୁରୁବାର ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ୍ ବିଜେଡି ପକ୍ଷରୁ କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବି. ରବିନ୍ଦ୍ରନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଦସ୍ୟ ବିସ୍ମୁତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଉପସ୍ଥିତ ନେତାମାନେ ବିଜୁ ବାବୁଙ୍କ ତ୍ୟାଗ, ନେତୃତ୍ୱ ଓ ଓଡ଼ିଶା ଗଢ଼ିବାରେ ତାଙ୍କ ଅବଦାନ ସ୍ମରଣୀୟ ବୋଲି କହିଥିଲେ । ବିସ୍ମୁତ ପାତ୍ର ଶାସକ ଦଳର ନୀତି ଓ ପ୍ରତିଶ୍ରୁତି ଉପରେ ତୀବ୍ର ସମାଲୋଚନା କରିଥିଲେ । ପଂଚାୟତ ରାଜ ଦିବସକୁ ଶାସନ ଦଳ ପ୍ରତ୍ୟାଖ୍ୟାନ କରିଥିବାରୁ ବିଜୁ ବାବୁଙ୍କ ଆଦର୍ଶ ପ୍ରତି ଅବହେଳା ଦେଖା ଦେଇଥିଲେ ଶ୍ରୀ ପାତ୍ର । ବିଜେଡି ପକ୍ଷରୁ ଏହାକୁ ତାତ୍ତ୍ୱ ନିନ୍ଦା ମଧ୍ୟ କରାଯିବା ସହ ଜନସାଧାରଣଙ୍କ ନିକଟରେ ଏହି ବିଷୟକୁ ପହଂଚାଇବା ପାଇଁ ସଂଜ୍ଞ ଗ୍ରହଣ କରାଯାଇଥିଲା । ବିଜୁ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ ନେତା ଭାବେ ଓଡିଶାକୁ ଏକ ନୂଆଁ ରୂପ ଦେବା ସହ ଗ୍ରାମୀଣ ଉନ୍ନତି, ପଂଚାୟତ ଶକ୍ତିକରଣ ଓ ଯୁବ ଶକ୍ତିକୁ ସମର୍ଥନ କରିବାରେ ତାଙ୍କ ଅବଦାନ ଅସ୍ମରଣୀୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆଗାମୀ ପଂଚାୟତ ନିର୍ବାଚନକୁ ଲକ୍ଷ୍ୟ କରି ଦଳୀୟ କର୍ମୀ ଓ ନେତାମାନେ ଶପଥ ପାଠ କରିଥିଲେ । ବ୍ଲକର ବିଭିନ୍ନ ପଂଚାୟତ ମାନଙ୍କରେ ସଂଗଠନକୁ ଆହୁରି ମଜବୁତ କରିବା ସହ ବିଜୁ ଜନତା ଦଳକୁ ବିପୁଳ ବିଜୟୀ କରିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୦ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ଭାରତୀ ନାୟକ, ୮ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ, ପୂର୍ବତନ ବ୍ଲକ ସଭାପତି ଏଲ୍ ପୁଷ୍ପୋତମ ପାତ୍ର, କାମେଶ୍ୱର ବିଶ୍ୱାଳ, ନିତ୍ୟପ୍ରମା ପାତ୍ର, କୁନ୍ତି କୁମାରୀ ଦେବୀ, ନମିତା ପାତ୍ର, ରବିନ୍ଦ୍ର ମହାଣ୍ଡା, ସୁରେଶ ସାହୁ, କାମିନୀ ନାୟକ, ହାଡୁବନ୍ଧୁ ବେହେରା, କିଶୋର ପାତ୍ର, ସଞ୍ଜୟ ସାହୁ, ଶଙ୍କର ନାୟକଙ୍କ ସମେତ ଶତାଧିକ ବିଜୁ ପ୍ରେମୀ, ଯୁବ କର୍ମୀ ଓ ମହିଳା ସଦସ୍ୟା ମାନେ ଉପସ୍ଥିତ ରହି ବିଜୁ ବାବୁ ଅମର୍ ରହେ ନାରା ଧ୍ୱନିରେ ବ୍ଲକ ପରିସର କମ୍ପି ଉଠିଥିଲା ।

ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳିତ

ବଣାଇଁ, ୦୫/୦୩ (ଆ.ପ୍ର) : ବଣାଇ ବିଜୁ ଜନତା ଦଳ ପକ୍ଷରୁ ମହାନ୍ ଜନ ନାୟକ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ଓ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ବଣାଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ମହାନ୍ ଜନ ନାୟକ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ସକାଳ ୯ ଘଟିକାରେ ବିଜୁ ଛକରେ ସ୍ଥିତ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ରାଜରାଜେଶ୍ୱରୀ ସାଙ୍ଗଠନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ୧୦ ଘଟିକାରେ ପୂର୍ବ ବିଜୟ ଡାକବଙ୍ଗଳା ଠାରେ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ସମ୍ବୁଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ରାଞ୍ଜିତ କିସାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାଙ୍ଗା, ପୂର୍ବତନ ବଣାଇଗଡ଼ ବ୍ଲକ୍ ପୂର୍ବତନ ସଭାପତି ରଘୁନାଥ ସାହୁ, ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁ ଚରଣ ସ୍ୱାଇଁ, କୋଇତା ବ୍ଲକ ସଭାପତି ଜଗୁଶାକର ପାତ୍ର,ଜିଲ୍ଲା ପରିଷଦ ସଭ୍ୟା ରାମଚନ୍ଦ୍ର ସାହୁ, ବଣାଇଁଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା କେଦାର ମହାନ୍ତ,ସରପଂଚ ସୁମିତ୍ରା ଚାରଦିଆ, କେନ୍ଦ୍ରିକନା ସରପଂଚ ଲବଙ୍ଗ ପାତ୍ର, ରାଜାମୁଣ୍ଡା ସରପଂଚ ମାଳତୀ କିସାନ, ପୂର୍ବତନ ସରପଂଚ ଅଜୟ ନାଏକ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟାନ, ସଭ୍ୟା ବାଗୁରେବ ଛବିଶା, କୃଷକ ନେତା ଶ୍ୱେତବସନ୍ତ ବିଶ୍ୱାଳ, ଜୁନମଣି ପ୍ରଧାନ, ସଞ୍ଜୟ ଦାଶ, ନିର୍ମଳ ପାତ୍ର, ବ୍ଲକ୍ ସଚିବଶ୍ୱାଲ, ଜାଦୁବୁ କିସାନ, ଯୁବ ନେତା ରୋହିତାଶ୍ୱ ମିଶ୍ର, ସିପୁକ ମିଶ୍ର, ଗୁରୁ ସେଠ୍ , ଅଭିଷେକ ବେହେରା, ସିଲାଇ ମୁଣ୍ଡା, ଗୋପାଳ ଜଗଦ, ଚନ୍ଦ୍ରମଣି ସାହୁ, ଜିତୁ କିସାନ, କେଦାର ନାଏକ, ଚରଣୀ ମଝାଳ ଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ କର୍ମୀ ଭାଗ ନେଇଥିଲେ ଏବଂ ଦଳୀୟ ବୈଠକରେ ନିଜ ନିଜ ମତାମତ ପ୍ରକାଶ କରିଥିଲେ ।

ଲିହୁରୀ ଗ୍ରାମର ରାଧାକୃଷ୍ଣଙ୍କ ହୋଲି ପର୍ବରେ ବିଧାୟକ ଯୋଗଦେଲେ

ପାରଳାଖେମୁଣ୍ଡି, ୦୫/୦୩ (ଆ.ପ୍ର) : ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲାର ଲିହୁରୀ ଗ୍ରାମର ପୁରାତନ ରାଧାକୃଷ୍ଣଙ୍କ ହୋଲି ପର୍ବରେ ପାରଳାଖେମୁଣ୍ଡି ବିଧାୟକ ଜଂ ରୁପେଶ କୁମାର ପାଣିଗ୍ରାହୀ ଯୋଗଦାନ କରିଥିଲେ । ପାରଳାଖେମୁଣ୍ଡି ତଥା ଗଜପତି ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶରୁ ହଜାର ହଜାର ଭକ୍ତି ସମାବେଶରେ ୭ ଦିନିଆ ହୋଲି ପାଳନ କରେଛି । ପାରଳାଖେମୁଣ୍ଡି ମହାରାଜାଙ୍କ ଅବଦାନରେ ସ୍ଥାପିତ ଏହି ମନ୍ଦିରର କାର୍ଯ୍ୟକ୍ରମରେ ରାଜହେମା କଳ୍ୟାଣୀ ଦେବୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ପରିଷଦର ସଭାପତି ଗାବରା ଚିରୁପତି ରାଓ ତଥା ସ୍ଥାନୀୟ ସରପଂଚ ଉପସ୍ଥିତ ଥିଲେ । ଯଥାଶୀଘ୍ର ଗଜପତି ଜିଲ୍ଲାର କାଶୀନଗରଠାରୁ ଲିହୁରୀ ପର୍ଯ୍ୟନ୍ତ ପ୍ରସ୍ତାବିତ ପୋଲର କାମ ଆରମ୍ଭ ହେବ ବୋଲି ବିଧାୟକ କହିଛନ୍ତି ।

ବିଜୁ ବାବୁଙ୍କ ୧୧୦ ତମ ଜନ୍ମଜୟନ୍ତୀ ପାଳିତ

ଚାହାରାଣ୍ଡି, ୦୫/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚାହାରାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ସ୍ଥିତ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ବାସଭବନ ଠାରେ ବିଜୁ ବାବୁଙ୍କ ୧୧୦ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ସମସ୍ତ ଦଳୀୟ କର୍ମୀ ପ୍ରଥମେ ବିଜୁ ବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ପ୍ରାରମ୍ଭ ହୋଇଥିଲା । ବ୍ଲକ ବିଜେଡି ସଭାପତି ଗୌରଦରି ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବଦବଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ ସଭାପତି ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ରଘୁ ଚନ୍ଦ୍ର ବାଗ, ଝୁମୁକଲାଲ ସାହ

ସମ୍ବାଦ
ଆରମ୍ଭ
SEITHO AKAMBHA

ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପଂଚାୟତ ଦୁର୍ନୀତି ବିଷୟରେ ଜନଶୁଣାଣିରେ ଅଭିଯୋଗ ସମାଧାନ ହେଲା ଜାଣି ପାରିଲେନି ଅଭିଯୋଗକାରୀ

ତିର୍ତୋଲ, ୦୫/୦୩ (ଆ.ପ୍ର) : ପଂଚାୟତ ରେ ଅନେକ ସମୟରେ ବିଭିନ୍ନ ପ୍ରକାରର ଦୁର୍ନୀତି ହେବା ଶୁଣିବାକୁ ଏବଂ ଦେଖିବାକୁ ମିଳିଥାଏ । କିଛି ସଚେତନ ନାଗରିକ ଦୁର୍ନୀତି ଗୁଡିକୁ ବିରୋଧ କରିବା ସହିତ ତାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଥାନ୍ତି । ଅନେକ ସମୟରେ ପ୍ରଶାସନ ଏଥିରେ ପୂର୍ଣ୍ଣ ସହଯୋଗ କରିଥାଏ । ହେଲେ ବେଳେ କିଛି ଦୁର୍ନୀତିଖୋର କର୍ମଚାରୀ ଏବଂ ଅଧିକାରୀ ସେହି ଦୁର୍ନୀତି ଗୁଡିକରେ ପରଦା ଢାଙ୍କି ଦେଇଥାନ୍ତି । ସେମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ତିର୍ତୋଲ ବ୍ଲକ ପିଞ୍ଜରମାଳବ ପଂଚାୟତ ରେ, ସୂଚନା ଅନୁଯାଇ ପଂଚାୟତ ରେ କିଛି ଦୁର୍ନୀତି ହୋଇଥିବା ନେଇ ତ୍ରିପତି ଆଚାର୍ଯ୍ୟ ଗତ ୫-୧-୨୬ ତାରିଖରେ ତିର୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ହେଲେ ଦୁର୍ଭାଗ୍ୟର ବିଷୟ ୧୫-୧-୨୬ ତାରିଖରେ ସେହି ଅଭିଯୋଗର ସମାଧାନ କାରକ କଳମରେ ହୋଇଯାଇଛି । ତ୍ରିପତିଙ୍କ କହିବା ଅନୁଯାଇ ସିଏ ଅଭିଯୋଗ କରିବାର ଦଶ ଦିନ ପରେ କିଏ ଅଭିଯୋଗ କୁ ସମାଧାନ କରିଲେ ତାହା ପୁଣି ଅଭିଯୋଗକାରୀଙ୍କୁ ଜଣାଇବି ସୂଚନା ନଦେଇ । ଅନ୍ୟ ପକ୍ଷରେ ପଂଚାୟତ ରେ ବହୁ ଦୁର୍ନୀତି ଯେମିତିକି ଏମଜିଏନଆରଇଜିଏସ, ପାଇଖାନା, ରାସନ ଦୁର୍ନୀତି ସହିତ ସୂଚନା ଫଳକ ନିର୍ମାଣ ସ୍ଥାନରେ ଲୋକଙ୍କୁ କାଜୁ, ଚଉରା ରେ ସୂଚନା ଲେଖା ହୋଇଥିବା ବେଳେ ଅନେକ ଦୁର୍ନୀତି ହୋଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଛନ୍ତି, ଯାହା ଆଗାମୀ ଦିନରେ ନିଶ୍ଚିତ ଲୋକ ଲୋଚନକୁ ଅଣାଯିବ । ଏ ନେଇ ସ୍ଥାନୀୟ ସରପଂଚଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେମିତି କିଛି ଦୁର୍ନୀତି ପଂଚାୟତ ରେ ହୋଇନାହିଁ ବୋଲି ମତ ରଖିଛନ୍ତି । ବିଭାଗୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଦାବୀ ରଖୁଛନ୍ତି ।

ଶୁଭ ମୁହୂର୍ତ୍ତରେ ଶୁଭ ଖୁଂଟି ପଡ଼ିଲା : ଐତିହାସିକ ବାଣପୁର ପଂଚୁଦୋଳଯାତ୍ରା ଶୁଭାରମ୍ଭ



ବିଲିକା/ବାଣପୁର, ୦୫/୦୩ (ଆ.ପ୍ର) : ଚୈତ୍ର କୃଷ୍ଣ ପ୍ରତିପଦା ବୁଧବାର ଅମୃତବେଳାରେ ଚଳିତବର୍ଷର ଐତିହାସିକ ପଂଚୁଦୋଳଯାତ୍ରାର ଶୁଭଖୁଂଟି ଷ୍ଟେତ୍ରୀୟ ବ୍ରାହ୍ମଣଙ୍କ ମଙ୍ଗଳାଚରଣରେ ଯାତ୍ରା ପଡ଼ିଆର ଯଜ୍ଞମଣ୍ଡପର ଐଶାନ୍ୟ କୋଣରେ ସ୍ଥାପନ କରାଯାଇଛି ଓ ଯାତ୍ରାର ଯଜ୍ଞକମିଟିର ଶାକବୀପିପଣ୍ଡିତ ନୃସିଂହଚରଣଆଚାର୍ଯ୍ୟଙ୍କ ଗଣନା ଅନୁସାରେ ପ୍ରଥମେ କମିଟି ତରଫରୁ ମା'ଭଗବତୀଙ୍କ ମନ୍ଦିରରେ ପ୍ରଥମ ନିମନ୍ତ୍ରଣଅର୍ପଣ କରି ମା'ଙ୍କ ପାଖରେ ପ୍ରଥମ ପ୍ରାର୍ଥନା ପୂର୍ବକ ଆଜ୍ଞାମାଳ କରାଯାଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା । ପୁଣି ଯାତ୍ରାର ମୁଖ୍ୟ ସ୍ଥାନାଧିପତି ଶ୍ରୀ ଶ୍ରୀ ଚରଣ ବ୍ରଜା ଦେବଙ୍କ ନିଜସ୍ବ ମଠ ତୁଳସୀ ଦୟାଶ୍ରମାଙ୍କଆସି ପଡ଼ିଆଠାରେ ଏକତ୍ର ଶୁଭପତାକା ରେ ସ୍ଥାପନ କରାଯାଇ ମା' ଭଗବତୀ ଓ ଶ୍ରୀ ଶ୍ରୀ ରାଣଚକାଦେବେଙ୍କର ଜୟଜୟକାର ଧ୍ୱନୀ ମଧ୍ୟରେ ଖୁଂଟ ପୋତା ଯାଇଥିଲା । ଚଳିତ ବର୍ଷ ତା ୮.୩.୨୬ରିଖ ରବିବାର ରାତ୍ରବାର ଘଟିକାରୁ ଦେବା ଦେବୀମାନଙ୍କ ଜମାଣ ଅରମ୍ଭ ହେବ । ଖେର୍ଦ୍ଧାର ମହାରାଜା ଗଜପତି ନରସିଂହଦେବଙ୍କ ଦ୍ୱାରା ସ୍ଥାପିତ ଲୀଳାକ୍ଷେତ୍ର ବଡ଼ ଦଣ୍ଡୁ ଅଡ଼ର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଚରଣଶକ୍ତାଦେବେଙ୍କ ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଅଂଚଳର ବିଭିନ୍ନ ଗ୍ରାମରୁ୧୬୨ଦେବାଦେବୀ ଦୋଳଦିମାନ, କୃଷ୍ଣଲ, ସିଂହ, ଗରୁଡ଼, ହନୁମାନ ଇତ୍ୟାଦି ବାଦ୍ୟାନରେ ବସି ଥାଟ ପଟୁଆର ବାଜାଗୋଷ୍ଠୀରେ ଯାତ୍ରା ପଡ଼ିଆକୁ ବିଜେ କରିବେ । ଚଳିତ ବର୍ଷ ଜମାଣଦିନ ସଂଖ୍ୟାରୁ ତୁଳସୀ ସଂଖ୍ୟା କାର୍ଯ୍ୟକ୍ରମରେରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଭଜନ ସମାରୋହ ସହିତ ବିଭିନ୍ନ ନୃତ୍ୟସଂଗୀତକାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ତା ୯.୩.୨୬ରିଖ ସୋମବାର ଅପରାହ୍ନର ଗୋଧୂଳୀଲଗ୍ନରେ ଯାତ୍ରାର ମୁଖ୍ୟ ଆକର୍ଷଣ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ସହ ମା'ଦେବୀ ଭଗବତୀ ଜାଠି ଠାକୁରାଣୀ ଷଟ୍ମେଶ୍ୱରୀଙ୍କ ମହାମିଳନ ଅନୁଷ୍ଠିତ ହେବେଲାଲି କମିଟି ତରଫରୁ ପ୍ରକାଶ କରାଯାଇଛି ଏବଂ ଚଳିତ ବର୍ଷ ପ୍ରଥମଥର ପାଇଁ ମୋଳନ ସରିବା ପରେ ସଂଧାରେ ମେଲୋଡ଼ି କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି ଓ ଏହିଶୁଭଅନୁକୂଳ କାର୍ଯ୍ୟରେ କମିଟିର ଉପସଭାପତି ବୀରଭଦ୍ର କାଣ୍ଡି, ସଂପାଦକମାଧବଚନ୍ଦ୍ର ବାଲିକା, ସ୍ଥାନୀୟ ଥାନାଧିକାରୀ ରମେଶ କୁମାର ଦେବତା, ବୁଦ୍ଧିନ୍ତ କୁମାର ହରିଚନ୍ଦନ, ବାଳମୁକୁନ୍ଦ ଦାସ, ମହେଶ୍ୱର ଜେନା, ଜୟକୃଷ୍ଣ ଦାସ, ନବକିଶୋର ପ୍ରଧାନ, ଶରତ ଚନ୍ଦ୍ର ଶତ୍ପଥଶଲ୍ୟ, ବିଶ୍ୱମ୍ଭର ବିଶ୍ୱାଳ, ନନ୍ଦକିଶୋର ମିଶ୍ର, ଭଗବାନ ପ୍ରଧାନ, ଶେଷ ଦେବ ମହାଜଣା, ମଇଜୁଲ୍ ହକ୍, ନବୁଜ ପ୍ରଧାନ, ପ୍ରଭାକର ଶାମଗଲ୍, ପଦ୍ମଚରଣ ସାହ, ସତ୍ୟନାରାୟଣ ବିଗ୍ରହ, ସାଗର ମହାପାତ୍ର, ରବୀନ୍ଦ୍ର କୁମାର ମାର୍ଥା ପ୍ରମୁଖ ଉପସ୍ଥିତ ରହି ଏହି ଶୁଭ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

ମହିଳା ମାନଙ୍କ ସୁସ୍ଥତା ଓ ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପଦକ୍ଷେପ

ପୁରୀ, ୦୫/୦୩ (ଆ.ପ୍ର) : ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳା ବିଶେଷ କରି ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା, ସୁରକ୍ଷା, ମାନସିକ ସ୍ଥିରତା, ନେତୃତ୍ୱ ନେବାର ଦକ୍ଷତା, ଆତ୍ମସୁରକ୍ଷା ଇତ୍ୟାଦି ସମ୍ପର୍କରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି । ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ପ୍ରାୟ ୩୫୦ ଛାତ୍ରୀ ମାନଙ୍କୁ ନେଇ ୬ ତାରିଖ ପୂର୍ବାହ୍ନ ୭ ଘଟିକାରେ ଯୋଗ ଶିବିର,ଫିଟନେସ କ୍ୟାମ୍ପ ଲୁଧା,ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧ୍ୟମରେ ଫିଟନେସ ଓ ବିବିଧ କ୍ରୀଡା ଅନୁଷ୍ଠିତ ହେବ । ୭ ତାରିଖରେ ଆତ୍ମସୁରକ୍ଷା, ନେତୃତ୍ୱ ଓ କ୍ୟାଲିଅର ଗାଠନ ସଚେତନତା ଓ ସୁରକ୍ଷା, ଜୁଡୋ, କଙ୍ଗ୍,କରାଟେ ଇତ୍ୟାଦି ପ୍ରଶିକ୍ଷଣ ଦିଆଯିବ । ସେହିପରି ୮ ତାରିଖରେ ଏକ ମାରାଥନ ବା ଗଣଦୌଡ ଅନୁଷ୍ଠିତ ହେବ ବୋଲି କ୍ରୀଡା ଅଧିକାରୀ ବନ୍ଦନ ସାହୁ ଅବଗତ କରାଇଛନ୍ତି ।

ଯୁବ ବିଜେଡି ପକ୍ଷରୁ ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ ଛତା ଓ ଶୁଖିଲା ଖାଦ୍ୟ ବଂଟନ

କଳାହାଣ୍ଡି, ୦୫/୦୩ (ଆ.ପ୍ର) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବୀଣ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ ଛତା ଓ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଜିଲ୍ଲା ଯୁବ ବିଜେଡି ସଭାପତି ଅଭିମନ୍ୟୁ ଠାକୁରଙ୍କ ନେତୃତ୍ୱରେ ମାଁ ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ବସୁଥିବା ଅସହାୟ ଓ ଭିନ୍ନକ୍ଷମ ଭିକ୍ଷୁକ ମାନଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଗୋଟିଏ ଲେଖାଏଁ ଛତା ଓ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଂଟୁ ନାୟକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ଜୋନ ମହିଳା ସଭାନେତ୍ରୀ ଲଳିତା ନାୟକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ଲାଲନସିଲର କ୍ଷିରସିନ୍ଧୁ ନାୟକ, ଶିବା ସାହୁ, ମହେନ୍ଦ୍ର ରାଉତ, ଯୁବ ନେତା ତ୍ରିଲୋଚନ ପାଣିଗ୍ରାହୀ, ଭୋଳାନାଥ ନାଗ, ଗଣେଶ ବାଗ , ମାନସ ସିନ୍ଧୁର, ନିମାଇ ତାଣ୍ଡି, ମିଲନ ମୁଣ୍ଡ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ



ଗଣିଆ, ୦୫/୦୩ (ଆ.ପ୍ର) : ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ଆନୁଷ୍ଠାନିକ ଭାବେ ଏହି ଟିକାକରଣର ଶୁଭାରମ୍ଭ କରିଛନ୍ତି । ସରକାରଙ୍କ ତରଫରୁ କରାଯୁ ଗ୍ରୀବା କର୍କଟ ସୁରକ୍ଷା ପାଇଁ ଏହି ଟିକାକରଣ ବ୍ୟବସ୍ଥା କରାଯାଇଛି । ୧୪ ବର୍ଷ ବୟସର ଝାଳିକା ମାନଙ୍କୁ ଏହି ଟିକା ପ୍ରଦାନ କରାଯିବ । ଆଜିଠାରୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି । ତେବେ ପ୍ରଥମ ଦିନରେ ୫୦ ଜଣଙ୍କୁ ଟିକା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜନ ସଂପ୍ରସାରଣ ଅଧିକାରିଣୀ କମଳା ମହାରଣାଙ୍କ ସମେତ ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ ଚୌଦ୍ୱାର, ୦୫/୦୩ (ଆ.ପ୍ର) : ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାନଗାଁ ପଂଚାୟତ ବରାହୀ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରି ଶୌଦାମିନୀ ମାହାନ୍ତିଙ୍କୁ ଆଜୀବନ ତପସ୍ୟାର ସମ୍ବର୍ଦ୍ଧନା ଦିଆଯାଇଛି । ଶୌଦାମିନୀ ତାଙ୍କର ପ୍ରଥମ କର୍ମ କ୍ଷେତ୍ରରେ ୧୯୭୯ମସିହାରେ ରାୟଗଡାରେ ଶିକ୍ଷା କର୍ମୀ ଭାବେ ଯୋଗ ଦେଇଥିବାବେଳେ ୧୯୯୫ରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ମାଧପୁର ବିଦ୍ୟାଳୟ ଓ ୨୦୧୨ରେ ବରାହୀ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଯୋଗ ଦେଇଥିଲେ । ୨୮/୨/୨୦୨୬ରେ ଅବସର ନେଇଥିଲେ । ଏହି ଅବସରରେ ଶୌଦାମିନୀଙ୍କୁ ଗ୍ରାମବାସୀ, ଅଭିଭାବକ ଏବଂ ତାଙ୍କର ସହ କର୍ମୀ ମାନେ ତାଙ୍କୁ ଆଜୀବନ ତପସ୍ୟା ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରିଥିଲେ । ଶୌଦାମିନୀ ତାଙ୍କର ଦୀର୍ଘବର୍ଷ ଶିକ୍ଷାଦାନ ଜିତରେ ଜଣେ ଆଦର୍ଶ ଶିକ୍ଷୟତ୍ରୀ ଥିଲେ ବୋଲି ତାଙ୍କର ସହ କର୍ମୀ ମାନେ ମତବ୍ୟକ୍ତ କରିବା ସହ ତାଙ୍କର ଉତରତର କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସିଆରସି ପ୍ରଭାକର ପ୍ରଧାନ ସଭାପାତିତ୍ୱ କରିଥିବାବେଳେ ସିଆରସି ବାବନ ଚରଣ ବୋଲ, ଶିକ୍ଷୟତ୍ରୀ ଅର୍ଚ୍ଚପୂର୍ଣ୍ଣା ମାହାନ୍ତି, ପ୍ରମୁଖ ବହୁ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ପରିଶେଷରେ ଗ୍ରାମବାସୀମାନେ ଶ୍ରୀମତୀ ମହାନ୍ତିଙ୍କୁ ଗ୍ରାମ ପରିକ୍ରମା କରାଇ ତାଙ୍କୁ ବିଦାୟ ଦେଇଥିଲେ ।

ପଥିକଙ୍କୁ କଲବଲ କଲାଣି ମହୁମାଛି ଆତଙ୍କ, ବନ ବିଭାଗର ଦୃଷ୍ଟି ପଡୁ

ବାଲିଗୁଡା, ୦୫/୦୩ (ଆ.ପ୍ର) : କଳହାଣ୍ଡ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଗାଂବାଡି ବ୍ଲକର ତିଲୋରୀ ପଂଚାୟତ ଡେମିଙ୍ଗିଆ ଗ୍ରାମରେ ମହୁମାଛି ଆତଙ୍କ ଦେଖାଯାଇଛି । ଏଇଥିରେ ବଡ଼ ବଡ଼ ଗଛରେ ମହୁମାଛି ବସା ବାନ୍ଧିଛନ୍ତିଯ । ଏହି ବସା ଗୋଟିଏ କି ୨ ଟି ନୁହେଁ, ଶହ ଶହ ବକ୍ସା ବାନ୍ଧିଥିବା ଜଣାପଡ଼ିଛି । ଗାଁସାରା ମହୁମାଛି ବୁଲି ବୁଲି ଖାଦ୍ୟ ସଂଗ୍ରହ କରୁଥିବାବେଳେ ଲୋକଙ୍କୁ ଆକ୍ରମଣ କରୁଛନ୍ତି । ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଛାତ୍ରଛାତ୍ର ବିଦ୍ୟାଳୟକୁ ଯାଉଥିବା ବେଳେ ହଳଦୀ ପଦର ଓ ଜଙ୍ଗଲକୁ ଲୋକଙ୍କ କାର୍ଯ୍ୟପାଇଁ ଯିବା ବେଳେ ଆକ୍ରମଣର ଶିକାର ହେଉଛନ୍ତି । ସେହିପରି ଉକ୍ତ ରାସ୍ତା ଦେଇ କୋଟଗଡ଼ ବ୍ଲକ ପକାରୀ, ରାଣିପାଟ୍ଟା ଆଦି ଅଂଚଳକୁ ଲୋକଙ୍କ ଯାତାୟାତ ରହୁଥିବାବେଳେ ଗାଡି ଶବ୍ଦରେ ମହୁମାଛି ଆହୁରି ଉଗ୍ର ହେଉଥିବା ଗ୍ରାମବାସୀ କହିଛନ୍ତି, ଗତ କିଛି ଦିନ ହେଲା ଏହି ମହୁମାଛି ବନ ଦକ ହୋଇ ଲୋକଙ୍କୁ ଆକ୍ରମଣ କରିବା ସହ କଳବଳ କରୁଛନ୍ତି । ଏଥିପ୍ରତି ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

ଉତ୍କଳ ଆଶ୍ରମରେ କଳାକାରଙ୍କ ହୋଲି

ବିଜିଟି, ୦୫/୦୩ (ଆ.ପ୍ର) : ରଙ୍ଗର ପର୍ବ ହୋଲି ବିଭିନ୍ନ ପ୍ରକାରେ ପାଳନ ହୋଇଥିବା ବେଳେ ବହୁପୁରୁ ଲଳିତ କଳା ଆଶ୍ରମ ପରିସରରେ ଓଡିଶା ନାଟକ ସମାରୋହ ସମିତି ତରଫରୁ ହୋଲି ଖେଳ ଉତ୍ସବ ଆୟୋଜନରେ ଅନୁଷ୍ଠିତ ହୋଇଥିଲା । ବହୁପୁର ସହରର ନାଟ୍ୟ, ନୃତ୍ୟ,ସାହିତ୍ୟ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ଶତାଧିକ ବ୍ୟକ୍ତି ଏହି ହୋଲି ଖେଳରେ ସାମିଲ ହୋଇ ପରସ୍ପରକୁ ଅବିର ବୋଳି ମିଠେଇ ଖୁଏଇ ହୋଲିର ଶୁଭେଚ୍ଛା ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବହୁପୁର ମେୟର ଶ୍ରୀମତୀ ସଂଗମିତ୍ରା ଯୋଗଦେଇ ସମସ୍ତଙ୍କୁ ହୋଲି ଶୁଭେଚ୍ଛା ଜଣେଇ ସମସ୍ତ ରାଗ, ଦ୍ୱେଷ ଭୁଲି ହୋଲିର ରଙ୍ଗରେ ସମସ୍ତଙ୍କୁ ରଙ୍ଗୀନ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟକାର ଡା.ତିରୁପତି ସାହୁ, ଓଡିଶା ନାଟ୍ୟସଙ୍ଘର ବଶିଷ୍ଠାଂଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର, ସଂସ୍କୃତିପ୍ରେମୀ ଙ୍କ. ଯାମିନି ଭାଷ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କ ସହ ହୋଲି ଖେଳି ଭାଇଚାରାର ବାର୍ତ୍ତା ଦେଇଥିଲେ । ଓଡିଶା ନାଟକ ସମାରୋହ ସମିତିର ସଭାପତି ଅମିନ କୁମାର ପାତ୍ର, ସାଧାରଣ ସମ୍ପାଦକ ନାରାୟଣ ମହାକୁଡ଼, ରବିନାରାୟଣ ବେହେରା, ବୈକୁଣ୍ଠ ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହୀ, ଲୋକୋତର ,ଏଡିଆଇଜିର ନିର୍ଦ୍ଦେଶକ ଅନିନାରାୟଣ, ସୁବାସ ମହାଜଣା, ଗୋକୁଳ ପଣ୍ଡା, ସୁନିଲ ସ୍ୱାଇଁ, ସୋମନାଥ ବେହେରା, ତାପସ ପାଣିଗ୍ରାହୀ, ସରୋଜ ପଣ୍ଡା,ନଳିନୀ ଗୌଡ଼, ଜୟନ୍ତୀ ମିଶ୍ର, ଆଶଡୀ ପାତ୍ର, ଗିରିଜା ଦାସ, ସମ୍ବିତା ରାଣୀ ରାଉତ, ଅଂଶୀକା ଅନ୍ଦିତା ପାଢ଼ୀ ପ୍ରମୁଖଙ୍କ ସହ ଅନେକ ଉପସ୍ଥିତ ରହିଥିଲେ । ଏହି ଅବସରରେ ହୋଲି ଖେଳ ସହ ଗାଡନାଚ ଓ କବିତା ଆସରର ଆୟୋଜନ ହୋଇଥିଲା । ସାମାଜିକ ଓ କଳାଗତ ସୁବାସ ସାହୁ ଗୀତ ଗାଇ ଉପସ୍ଥିତ କରିଥିଲେ । ଓଡିଶା ନାଟକ ସମାରୋହ ସମିତିର ସମ୍ପାଦକ ରାଜଗୋପାଳ ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଡ଼. କୁଳମଣି ଓଝାଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ହୋଇଥିଲା ସେଥିରେ ଉପସ୍ଥିତ ସମସ୍ତେ ଭାଗ ନେଇଥିଲେ ।

ଆମ ଗାଁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଜଗନ୍ନାଥ ବେହେରାଙ୍କୁ ଆମ ଗାଁ ପୁଅ ଓ ଅନସୂୟା ନନ୍ଦଙ୍କୁ ଆମ ଗାଁ ଝିଅ ସମ୍ମାନ

ଜଗତସିଂହପୁର, ୦୫/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ବାଳଂଶା ସ୍ଥିତ ପ୍ରଜ୍ଞାପୀଠ ଆଶ୍ରମ ପରିସରରେ 'ଆମ ଗାଁ ସାହିତ୍ୟ ସଂସଦ'ର ଶୋଡଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଆସରରେ ମୁଖ୍ୟଅତିଥି ଭାବେ ସମ୍ବାଦ ଗ୍ରୁପର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ ଏକ ଗଣତନ୍ତ୍ରିକ ବ୍ୟବସ୍ଥା କୁ ସୁଦୃଢ କରିବାକୁ ହେଲେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାହିତ୍ୟ ପାଇଁ ସବୁ ବର୍ଗର ଲେଖକଙ୍କର କିଛି କରିବାର ବାକିବୁ ରହିଛି । ତେଣୁ ମାତୃଭାଷା ପ୍ରତି ସମ୍ମାନକର ମମତା ରହିବା ସହ ଭାଷାକୁ ଜାଣିବୁ ଓ ସମ୍ମାନ ପ୍ରଦର୍ଶନ କରନ୍ତୁ । ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ଅଧିରାମ ବିଶ୍ୱାଳ ଯୋଗଦେଇ କହିଲେ ଶବ୍ଦର ଗାଁ ସୃଷ୍ଟି କରିଥିଲେ ମଣିଷ ସହର ସୃଷ୍ଟି କରିଛି । ତେଣୁ ସଂସ୍କୃତି ସଭ୍ୟତାର ମିଳନରେ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ତ୍ରୟୋଦଶତମ ସଂସ୍କରଣ

ଜଗତସିଂହପୁର, ୦୫/୦୩ (ଆ.ପ୍ର) : ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ତ୍ରୟୋଦଶତମ ସଂସ୍କରଣ ଅତ୍ୟନ୍ତ ସୁନ୍ଦର ଏବଂ ଚିତାକର୍ଷକ ଭାବରେ ସମ୍ପନ୍ନ ହୋଇଯାଇଛି । ଐତିହ୍ୟାନୁରାଗୀ ବନ୍ଧୁମାନେ ଜଗତସିଂହପୁର ସହର ଉପକଣ୍ଠ ତିହସାହି ନିକଟ କଲ୍ୟାଣପୁର ଗ୍ରାମରେ ଥିବା ବହୁ ପ୍ରାଚୀନ 'ନାଗାର୍ଜୁନ ମନ୍ଦିର ଏବଂ କାଦୁପଡ଼ାରେ ଥିବା ଜନାର୍ଦ୍ଦନ ବିଷ୍ଣୁ ମନ୍ଦିର' ପରିଦର୍ଶନରେ କରିଥିଲେ । କଲ୍ୟାଣପୁର ଗ୍ରାମର ନାଗାର୍ଜୁନ ପୀଠରେ ଥିବା ଭୂତିଟି ପ୍ରାଚୀନ ମୂର୍ତ୍ତି ସିଧାସଳଖ ଭାବେ ବୌଦ୍ଧ ଧର୍ମ ସହ ଜଡ଼ିତ । ଏହି ମୂର୍ତ୍ତି ଦ୍ୱୟ ହେଉଛନ୍ତି ବୋଧିସତ୍ୱ ମଞ୍ଜୁଶ୍ରୀ ଓ ଗୌତମ ବୁଦ୍ଧଙ୍କ ସ୍ୱର୍ଗରୁ ଧରାବତରଣ ମୂର୍ତ୍ତି । ଶିବ ଶକ୍ତି ଉପାସନାର ପ୍ରବଳ୍ୟ ଭିତରେ ବୌଦ୍ଧଦୀର୍ଘ ଦେଖିଲେ ଯେଉଁଠି ଆଶ୍ଚର୍ଯ୍ୟ ଲାଗେ, ତାର ଇତିହାସ ଜାଣିବା ପାଇଁ ମଧ୍ୟ ମନରେ ସେଟିକି ଜିଜ୍ଞାସା ଜାତ ହୁଏ । ଏହି ନାଗାର୍ଜୁନ ପୀଠଟି ମହାଯାନର ଗୁରୁ ନାଗାର୍ଜୁନଙ୍କ ଓଡ଼ିଶା ଭ୍ରମଣ ସମୟରେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରତିଷ୍ଠା ହୋଇଥିବା କାରଣରୁ ଏଠାରେ ଥିବା ଭୂତିଟି ମୁଖ୍ୟ ମୂର୍ତ୍ତି ମହାଯାନ ଶାଖା ଅନ୍ତର୍ଭୁକ୍ତ ଅଟେ । ପ୍ରଥମଟି ହେଉଛି ବୋଧିସତ୍ୱ ମଞ୍ଜୁଶ୍ରୀଙ୍କ ମୂର୍ତ୍ତି । ମଞ୍ଜୁଶ୍ରୀ ବୌଦ୍ଧ ଧର୍ମର ଏକ ଅତ୍ୟନ୍ତ ପ୍ରମୁଖ ବୋଧିସତ୍ୱ । ସେ ଜ୍ଞାନ ଓ ବୁଦ୍ଧିର ପ୍ରତୀକ । ବୌଦ୍ଧ ଧର୍ମ କହେ ଅଜ୍ଞାନ ହେଉଛି ସମସ୍ତ ଦୁଃଖର ମୂଳ, ଏବଂ ମଞ୍ଜୁଶ୍ରୀ ସେହି ଅଜ୍ଞାନକୁ କାଟିଦେବାର ଦେବତା । ଏଠାରେ ସେ ହାତରେ ପୁସ୍ତକ ସହ ପଦ୍ମଫୁଲ ଧାରଣ କରି ସିଂହ ଉପରେ ବସିଛନ୍ତି । ଯାହାହେଉଛି ଜ୍ଞାନ, ବିବେକ ଓ ସାହସର ପ୍ରତୀକ । ଦ୍ୱିତୀୟଟି ହେଉଛି ବୁଦ୍ଧ ଦେବାବତରଣ ମୂର୍ତ୍ତି । ମୂର୍ତ୍ତିରେ ବୁଦ୍ଧ ସ୍ୱର୍ଗରୁ ତିନୋଟି ସିଡି ସାହାଯ୍ୟରେ ଧରାବତରଣ କରୁଛନ୍ତି ଓ ତାଙ୍କୁ ସ୍ୱର୍ଗର ଶାସକ ଶକ୍ର ବା ଇନ୍ଦ୍ର, ବ୍ରହ୍ମା ଓ ଅନ୍ୟଦେବତାମାନେ ବାଟ କଢ଼େଇ ନେଉଛନ୍ତି । ଲୋକଙ୍କଠାରୁ ଅଛି ଯେ ବୁଦ୍ଧଙ୍କ ମାତା ମହାମାୟା ଦେବୀ ବୁଦ୍ଧଙ୍କୁ ଜନ୍ମ ଦେବାର ଅଳ୍ପଦିନ ପରେ ପରେ ସ୍ୱର୍ଗବାସୀ ହୋଇଥିଲେ ବୁଦ୍ଧ ମାତୃ-ଋଣ ଶୋଧ କରିବା ପାଇଁ ସ୍ୱର୍ଗକୁ ଯାଇ ଉଭୟ ଦେବତା ଓ ତାଙ୍କ ମାତାଙ୍କୁ ଧର୍ମ ଉପଦେଶ ଦେଇଥିଲେ । ସେହିପରି କାଦୁଅପଡ଼ାରେ ଏକ ଆଧୁନିକ ମନ୍ଦିରରେ ଏକ ପ୍ରାଚୀନ ବିଷ୍ଣୁ ବିଗ୍ରହ ପୂଜା ପାଉଛନ୍ତି । ଏହି ବିଷ୍ଣୁ ପ୍ରତିମାଙ୍କ ଗଠନ ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ, ଏହା ଯେ ଏକ ସୋମବଂଶୀ ଶାସନକାଳର ବିଗ୍ରହ ବୋଲି ପ୍ରତୀୟମାନ ହୁଏ । ଏହି ପ୍ରାଚୀନ ବିଗ୍ରହଙ୍କ ଇତିବୃତ୍ତ ବିଷୟରେ ଐତିହ୍ୟପ୍ରେମୀମାନଙ୍କ ଆଲୋଚନା କରିଥିଲେ । ଜଗତସିଂହପୁର, କଟକ ତଥା ଭୁବନେଶ୍ୱରରୁ ପ୍ରାୟ ୨୫ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । "ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ଅଧ୍ୟାପକ ଭଗବାନ ବାଣ,ସାମାଜିକ ଶିକ୍ଷାଙ୍କ ଶେଖର ପଣ୍ଡା, ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ଚତିରଞ୍ଜନ ପଣ୍ଡା, ବିକାଶ ସ୍ୱାଇଁ, ହୃଦାନନ୍ଦ ବେହେରା, ଶୁକ୍ରମ, ସୌରଭ ଆଦି କାର୍ଯ୍ୟକର୍ତ୍ତାମାନେ ଆଜିର କାର୍ଯ୍ୟକ୍ରମକୁ ସୁନ୍ଦର ରୂପେ ସମ୍ପାଦନ କରିଥିଲେ ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର, ୦୫/୦୩ (ଆ.ପ୍ର) : ଜିଲ୍ଲା ବିଜୁ ଜନତା ଦଳ ଜଗତସିଂହପୁର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଆଜି ପାଳନ କରାଯାଇଛି । ପ୍ରଥମେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡ଼ି ଉପସଭାପତି ଚିରଞ୍ଜିତ ବିଶ୍ୱାଳ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ମହିଳା ବିଜେଡ଼ି ଉପସଭାପତି ଜନକ ପ୍ରଭା ଲେଙ୍କା, ଜିଲ୍ଲା ବିଜେଡ଼ି ଉପସଭାପତି ଦୀପ୍ତି କୁମାର ଦାସ, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଲୋଇ, ବ୍ଲକ ବିଜେଡ଼ି ସଭାପତି କାଳନିଧି ପତି, ଜିଲ୍ଲା ବିଜେଡ଼ି ଉପସଭାପତି ତଥା ବରିଷ୍ଠ ଆଇନଜୀବି ବୋଳ ଗୋବିନ୍ଦ ଦାଶ, ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ବେଦୀ ପ୍ରସାଦ ଚୌଧୁରୀ, ନିକୁଞ୍ଜ କିଶୋର ବେହେରା, ପୌର ପରିଷଦର ସମସ୍ତ କାଉନସିଲର, ସମସ୍ତ ସରପଂଚ, ସମିତି ସଭ୍ୟ, ସଂଗଠନ ସଭାପତି, ସମସ୍ତ ନେତୃମଣ୍ଡଳୀ ସାମିଲ ହୋଇଥିଲେ । ଏଥିରେ ଜିଲ୍ଲା ବିଜେଡ଼ି ଓ ପୌରପରିଷଦ ବିଜେଡ଼ି ସଂଯୋଜକ ଲୋକନାଥ ସ୍ୱାଇଁ ଓ ନିର୍ଲିପ୍ତ ବେହେରା ପ୍ରମୁଖ ସାମିଲ ଥିଲେ ।

ବନ୍ଦର ପ୍ରଶାସନିକ ଭବନରେ ସେବା ସଂକଳ୍ପ ସନ୍ଦେଶ ପାଠ

ପାରାଦୀପ, ୦୫/୦୩ (ଆ.ପ୍ର) : ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସେବା ସଂକଳ୍ପ ପାଠ ଅନୁଷ୍ଠିତ ହୋଇଯାଇଛି । ପରାଦୀପ ବନ୍ଦର ପ୍ରଶାସନିକ ଭବନରେ ବୈଠକ ଆୟୋଜନ କରି "ସେବା ସଂକଳ୍ପ ସନ୍ଦେଶ"କୁ ଔପଚାରିକ ଭାବେ ପାଠ କରିବା ଏବଂ ପ୍ରଚାରିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଥଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଟି. ଲେନୁ ଗୋପାଲ, ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇ ସେବା ସଂକଳ୍ପ ପାଠ କରିଥିଲେ । ଯେଉଁଥିରେ ବନ୍ଦରର କାର୍ଯ୍ୟକୁ ଏ ମାର୍ଗଦର୍ଶିକା ନୀତି ସହିତ ଯୋଡ଼ିବା ପାଇଁ ସାମୂହିକ ସଂକଳ୍ପକୁ ଦୋହରାଇ ଦିଆଯାଇଥିଲା । ଏହି ସଂକଳ୍ପ ନାଗରିକ ସେବୋ ଭବନ ଦର୍ଶନକୁ ରେଖାଙ୍କିତ କରି ପ୍ରତ୍ୟେକ ନାଗରିକଙ୍କ ପ୍ରତି ସେବା, ସମ୍ମାନ, ସ୍ୱଚ୍ଛତା ଉତ୍ତରଦାୟିତ୍ୱରେ ଶାସନର ମୂଳଦୁଆ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ପ୍ରଶାସନିକ ନିଷ୍ପତ୍ତି ଏବଂ ସେବା ବିତରଣ ବ୍ୟବସ୍ଥା ନାଗରିକ କେନ୍ଦ୍ରିକ, ଉତ୍ତରଦାୟିତ୍ୱ ଏବଂ ଦକ୍ଷ ହେବା ସୁନିଶ୍ଚିତ କରିବା ଲାଗି ଅଂଶ ଗ୍ରହଣକାରୀମାନେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସମ୍ମାବେଶକୁ ସମ୍ବୋଧିତ କରି ଅଧ୍ୟକ୍ଷ ହରନାଥ ଆଲୋକପାତ କରି 'ସେବା ତୀର୍ଥ' ର ଆବେଗ ଇସର୍ଗୀକୃତତା, ନୈତିକ ଆଚରଣକରି ବିକଶିତ ଦାୟିତ୍ୱ ବୋଧ ଦ୍ୱାରା ପରିଚାଳିତ ଏକ ନୂତନ ଶାସନ ସଂସ୍କୃତିର ପ୍ରତୀକ ଅଟେ । ବିଶିଷ୍ଟ ଭାରତ ୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ, ଅନୁଷ୍ଠାନିକ ଅକ୍ଷୁଣ୍ଣତା ପରିଚାଳନା ପ୍ରଶାସନିକ ଅଭ୍ୟାସରେ ନିରନ୍ତର ସଂସ୍କାର ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସେବା ସଂକଳ୍ପ ର ମୂଳ ସିଦ୍ଧାନ୍ତକୁ ଇନ୍ଦ୍ରତ ଡିଜିଟାଲକରଣ, ଶୃଙ୍ଖଳିତ ପ୍ରକ୍ରିୟା ଠିକ୍ ସମୟରେ ସେବା ପ୍ରଦାନ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥା ମାଧ୍ୟମରେ ବିଭାଗୀୟ କାର୍ଯ୍ୟରେ ସାମିଲ କରାଯିବ । ପାରାଦୀପ ବନ୍ଦର ପ୍ରାଧିକରଣ ନାଗରିକ ସେବୋ ଆବେଗକୁ ବଜାୟ ରଖିବା ରାଷ୍ଟ୍ର ନିର୍ମାଣ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ର ଗଠନ ଦିଗରେ ସକ୍ରିୟ ଅବଦାନ ଜାରି ରହିବ ।

ସତ୍ତରୀ ଚରଣ ପି ଆଣ୍ଡ ଟି ଟ୍ରଷ୍ଟ ପକ୍ଷରୁ ଜର୍ସି ବଂଟନ ସହ ହେଲ୍ଥଲି ଉତ୍ସବ ପାଳନ

ଟାଙ୍ଗୀ ଚୌଦ୍ୱାର, ୦୫/୦୩ (ଆ.ପ୍ର) : ଜଟକ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସତ୍ତରୀ ଚରଣ ପିଆଣ୍ଡଟି ଟ୍ରଷ୍ଟ ପକ୍ଷରୁ ହେଲ୍ଥଲି ଉତ୍ସବ ଅବସରରେ ଟ୍ରଷ୍ଟ ସଭାପତି ସତ୍ତରୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଝୁଟୁଣା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଟ୍ରଷ୍ଟ ପକ୍ଷରୁ ସାମରିକ ଓ ଅର୍ଧସାମରିକ ପ୍ରସିକ୍ଷଣ ଦିଅ ଯାଉଥିବା ପ୍ରାୟ ୫୦/୬୦ ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଜର୍ସି ବଂଟନ ସହ ହୋଲି ଉତ୍ସବ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସାମାଜିକ ପ୍ରଦୀପ କୁମାର ନାୟକ ସଭା ପରିଚାଳନା କରିଥିବା ବେଳେ ଜଖଡି ଗ୍ରାମପଂଚାୟତ ସରପଂଚଙ୍କ ପ୍ରତିନିଧି ବିଜୁପ୍ରିୟ କୁମାର ଛତାର, ସୁଧାକର ଜି ଅତିଥି ଭାବେ ଯୋଗଦେବେଲ ଛାତ୍ରଛାତ୍ରୀ ମାନଙ୍କୁ ଜର୍ସି ପ୍ରଦାନ କରିବା ସହ ହେଲ୍ଥଲି ଉତ୍ସବ ପାଳନ କରିଥିଲେ । ଟ୍ରଷ୍ଟ ଉତ୍ସାହି ସୁନିତ ଅଭିଳାଷ ବେହେରା, ଶୁଭମ୍ କୁମାର ସାହୁ, ଧନଞ୍ଜୟ ମହାରଣା, ଚାପସ କୁମାର ନାୟକ, ରାହୁଲ କୁମାର ପଣ୍ଡିଆରି, ଦିପ୍ତିମୟୀ ସ୍ୱାଇଁ, ଅଞ୍ଜଳି ରାଉତ, ବର୍ଷା ରାଣୀ ସାହୁ,ପ୍ରମୁଖ ଟ୍ରଷ୍ଟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରତିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ମାନେ ଯୋଗଦେଇ ହୋଲି ଉତ୍ସବ ପାଳନ କରିଥିବା ବେଳେ ଟ୍ରଷ୍ଟର ସାଧାରଣ ସଂପାଦକ ଶୁଭେନ୍ଦୁ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଆବର୍ଜନା କୁଣ୍ଡରେ ପରିଣତ ହୋଇଛି ପୁରୁଣା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

ବାଲିଗୁଡ଼ା, ୦୫/୦୩ (ଆ.ପ୍ର) : ଗୋଟିଏ ପଟେ ରାଜ୍ୟ ସରକାର ସରକାରୀ ସମ୍ପତ୍ତିର ସୁରକ୍ଷା ଓ ଭିତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ, ଅନ୍ୟପଟେ କଳହାଣ୍ଡି ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକର ବିଭାଗୀୟ ଜଳବାଟୀନଦୀର ଏକ ଚରମ ନମୁନା ଦେଖିବାକୁ ମିଳିଛି । ଟିକାବାଲି ବଜାର ସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ଥିବା ପୁରୁଣା ରାଜସ୍ୱ ନିରୀକ୍ଷକ (ଆର ଆଇ)ଙ୍କ କାର୍ଯ୍ୟାଳୟ ଏବେ ସମ୍ପୂର୍ଣ୍ଣ ପରିତ୍ୟକ୍ତ ଓ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ରକ୍ଷଣବେକ୍ଷଣ ଅଭାବରୁ ଏହି ଛୋଟଟି ଏବେ ଅସାମାଜିକ ବ୍ୟକ୍ତିଙ୍କ ପରିସ୍ରାଗାର ସାଜିବା ସହ ଏକ ବଡ଼ ଧରଣର ଆବର୍ଜନା କୁଣ୍ଡରେ ପରିଣତ ହୋଇଛି । ସୂଚନା ଅନୁଯାୟୀ, ବର୍ଷାଙ୍କ ବର୍ଷ ଧରି ଏହି କାର୍ଯ୍ୟାଳୟଟି ବ୍ୟବହାର ନହେବା ଫଳରେ ଏହାର ତତ୍ପାର୍ଶ୍ୱରେ ଜୁଡ଼ ଜୁଙ୍ଗଲ ପୁଷ୍ପିକ୍ ଗ୍ରାସ, ଘୁଟ୍ ଏବଂ ବ୍ୟବହୃତ ଅଳିଆ ଆବର୍ଜନା ଜମା ହୋଇ ରହିଛି । ବିଶେଷ କରି କଳାର ଅଂଚଳ ଓ ଦୁର୍ଗା ମଣ୍ଡପ ଭଳି ଏକ ସମ୍ମେଳନଶୀଳ ସ୍ଥାନ ପାଖରେ ଏଭଳି ଅପରିଷ୍କାର ପରିବେଶ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀଙ୍କ ପାଇଁ ଦୁର୍ଗନ୍ଧର କାରଣ ସାଜିଛି । କୋଠରିର ଜାଲୁଘୁଣ୍ଡିକ ଏବେ ଦୁର୍ବଳ ହେବା ଆରମ୍ଭ କଲାଣି ଏବଂ ଦାଉଟରେ ଅନାବନା ଗଛଲତା ମାଡ଼ି ଯିବା ଫଳରେ ଏହା ଏକ ଭୂତକୋଠି ଭଳି ଭୟଙ୍କର ଦୃଶ୍ୟ ସୃଷ୍ଟି କରୁଛି । ଜନସାଧାରଣଙ୍କ ଟିକସ ପଇସାରେ ନିର୍ମିତ ଏହି ସରକାରୀ ସମ୍ପତ୍ତିର କୌଣସି ବି ବିଧିଜ ବ୍ୟବହାର କରାଯାଉ ନଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ଏହି ଛୋଟାକୁ ସଂସ୍କାର କରି ଅନ୍ୟ କୌଣସି ସରକାରୀ ବିଭାଗର କାର୍ଯ୍ୟାଳୟ କିମ୍ବା ପାଠାଗାର ଭଳି କାର୍ଯ୍ୟରେ ବ୍ୟବହାର କରାଯାଇ ପାରନ୍ତା, ତେବେ ଏହା ସରକାରଙ୍କ ପାଇଁ ଏକ ସମ୍ପତ୍ତି ଭାବେ ରହି ପାରିବ । ମାତ୍ର ବିଭାଗୀୟ ଉଦାସୀନତା ଯୋଗୁଁ ଛୋଟାଟି ଦିନକୁ ଦିନ ମାଟିରେ ମିଶିବାକୁ ବସିଲାଣି । ସରକାରୀ ସମ୍ପତ୍ତିକୁ ଏଭଳି ନଷ୍ଟ ନକରି ଏହାକୁ ଜୁଡ଼ନ୍ତ ସଫା କରାଯିବା ସହ ବ୍ୟବହାର ଉପଯୋଗୀ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି । ବିଭିନ୍ନ ସମୟରେ ଏହି ସ୍ଥାନରେ ଅଳିଆ ପକାଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି । ତେଣୁ ରାଜସ୍ୱ ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଛୋଟାଟିର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବେ କି ନାହିଁ, ତାହା ଦେଖିବାକୁ ବାକି ରହିଲା । ଅବହେଳିତ ଅବସ୍ଥାରେ ଥିବା ଏହି କାର୍ଯ୍ୟାଳୟଟି କେବେ ପୁଣି ଥରେ କାର୍ଯ୍ୟକ୍ଷମ ହେଉଛି, ତାହା ଏବେ ଟିକାବାଲି ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଜୁଆଡ଼ି ମାଡରେ ବୃଦ୍ଧର ମୃତ୍ୟୁ ଘଟିଥିବା ନେଇ ଥାନାରେ ଏତଲା

ଗୋଗା, ୦୫/୦୩ (ଆ.ପ୍ର) : ଜଣକ ବନ୍ଦକ ବଣା ଜୁଆଡ଼ି ମାଡ଼ରେ ଜଣେ ୬୦ବର୍ଷୀୟ ବୃଦ୍ଧର ମୃତ୍ୟୁ ଘଟିଥିବା ନେଇ ଥାନାରେ ଏତଲା ହୋଇଛି । ଏଇକି ଏକ ଅଭାବନୀୟ ଘଟଣା ଘଟି ଯାଇଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଲଛମୀପୁର ପଂଚାୟତ ଅଧୀନରେ ଥିବା କର୍ଲାପଡା ଗ୍ରାମରେ । ସୂଚନା ପ୍ରକାରେ, ଗ୍ରାମର ଜୟସିଂ ମାଝୀ ଓ ଶେଷମନ ମାଝୀ ଗ୍ରାମ ଠାରୁ ବେଶ୍ କିଲୋମିଟର ଦୂରରେ ଜଟା ତିଆରି କରି ଜାତି ବାଛିଥିଲେ । ଜାତିରେ ନିଆଁ ଲଗେଇବା ପାଇଁ ଜାଳିବାରୁ ଗ୍ରାମର ଲଛମନ ମାଝୀ, ପୁଷ୍ପମ ମାଝୀ, ଭଗବାନ ମାଝୀ ଜୟସିଂ ମାଝୀ ଶେଷମନ ମାଝୀ, ପାତବାସ ମାଝୀଙ୍କ ସହିତ ଗୁଣ୍ଡିକେଶ ମାଝୀ ଓ ତାଙ୍କ ଜେଜେବାପା ଗୋବର୍ଦ୍ଧନ ମାଝୀ ଯାଇଥିଲେ । ଜାତିରେ ନିଆଁ ଲଗେଇ ସାରିବା ପରେ ଲଛମନ ମାଝୀର ଅସ୍ଥାୟୀ କୁଡ଼ିଆରେ ଗୋଷ୍ଠେଇବାସ କରି ଶୁଅଯିଆ କରିଥିଲେ । ପରେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଗଣ୍ଡିକେଶ, ଭଗବାନ, ପୁଷ୍ପମ ଓ ପାତବାସ ଭାଟି ଠାରୁ ବିଛି ବୁଦରେ ଯାଇ ମୋବାଇଲ ଦେଖୁଥିଲେ । ହଠାତ ମରିଗଲି ମା ବୋଲି ଚିତ୍କାର ଶୁଣି ଘଟଣା ସ୍ଥଳରେ ଆସି ଦେଖିଲା ବେଳକୁ ଗୋବର୍ଦ୍ଧନ ତଳେ ଅଚେତ ହୋଇ ପଡିଛି । କଣ ହେଲା ବୋଲି ପଚାରିବାରୁ ଶେଷମଲ ଓ ଜୟସିଂ କହିଲେ କି ଲଛମନ କୁଡ଼ିଆ ଭିତରେ ଥିବା ଜୁଆଡ଼ିରେ ଗୋବର୍ଦ୍ଧନ ମୁଣ୍ଡରେ ମାରିଥିବା ପ୍ରକାଶ କରିଥିଲେ । ଲଛମନ ଗଣ୍ଡିକେଶଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହିତ ଟଂଟି ଚିପି ମାରିଦେବାର ଭୟମ କରିଥିଲା । ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସ ଡାକି ଝରିଗାଁ ଡାକ୍ତରଖାନାକୁ ନେଇ ବିଚିତ୍ସା କରେଇ ଘରକୁ ଘେନି ଯାଇଥିଲେ । ଘରେ ପହଂଚିବା ପରେ ଗୋବର୍ଦ୍ଧନ ପୁଣି ରକ୍ତବାନ୍ତି କରିବାରୁ ପୁଣିଥରେ ଆମ୍ବୁଲାନ୍ସ ଡାକି ଝରିଗାଁ ଡାକ୍ତରଖାନାକୁ ନେଇ ଯାଇଥିଲେ, ହେଲେ ଡାକ୍ତରଖାନା ପହଂଚିବା କ୍ଷଣି ଗୋବର୍ଦ୍ଧନର ପ୍ରାଣବାୟୁ ଉଡି ଯାଇଥିଲା । ଲଛମନ ଲଗାଭାଟି ପାଖରେ ଥିବା ଲୋକ ମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହିତ ମାରିଦେବି, ଟିମିଦେବି ବୋଲି କହୁଥିବା ଶୁଣି ଗୋବର୍ଦ୍ଧନ କାହିଁକି ବିନା ଦୋଷରେ ଲୋକଙ୍କ ସହିତ ଝଗଡୋଲ କରୁଛୁ ବୋଲି କହିବାରୁ ଗୋବର୍ଦ୍ଧନକୁ ମାରିଦେଇଥିବା ଏତଲାରେ ଦର୍ଶାଯାଇଛି ।

ଜନସେବାକେନ୍ଦ୍ର ପରିଚାଳକଙ୍କ ବୈଠକ

ଦଶପଲ୍ଲା, ୦୫/୦୩ (ଆ.ପ୍ର) : ଦଶପଲ୍ଲା ଏନଏସି ଏବଂ ବ୍ଲକର ବିଭିନ୍ନ ଜନସେବାକେନ୍ଦ୍ର ପରିଚାଳକ ମାନଙ୍କ ବୈଠକ ମହାବୀର ଖେଳ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପରିଚାଳକ ମାନଙ୍କ ବହୁବିଧ ସମସ୍ୟା ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା । ବିଶେଷତଃ ବହୁ ପୂର୍ବରୁ ଉପଲବ୍ଧୀ ଦେୟ (ୟୁଜର ଫିସ୍) ଦାଖଲ ନେଇ ତଥ୍ୟ ପ୍ରଦାନ କରା ନଯାଇ ତହସିଲ୍ କାର୍ଯ୍ୟାଳୟ, ଦଶପଲ୍ଲା ପକ୍ଷରୁ କରାଯାଇଥିବା ନୋଟିସକୁ ନେଇ ବୈଠକରେ ଭବଦେବ ପ୍ରକାଶ ପାଇଥିଲା । ୟୁଜର ଫିସ୍ ଦାଖଲ ସମୟରେ ତହସିଲ୍ କାର୍ଯ୍ୟାଳୟରେ ସମସ୍ତ ତଥ୍ୟ ସେତେବେଳେ ଲିପିବଦ୍ଧ ହୋଇ ରହିଥିବା ବେଳେ ୟୁଜର ଫିସ୍ ଦାଖଲର ପ୍ରମାଣ ପରିଚାଳକ ମାନଙ୍କୁ ମଗାଯିବା ନେଇ ବହୁ ପରିଚାଳକ ଖେଳ ଓ ଅସନ୍ତୋଷ ପ୍ରକାଶ କରିଥିଲେ । ଅଫିସରେ ଦାଖଲ ସମସ୍ତ ଆର୍ଥିକ ତଥ୍ୟକୁ ପରିଚାଳକ ମାନଙ୍କୁ ପ୍ରଦାନ କରାଯାଇ ତତ୍ପରେ ପରବର୍ତ୍ତୀ ପଦକ୍ଷେପ ନିମିତ୍ତେ ଦାବି ହେଉଛି ।

ମାଟିରେ ପୋତିହୋଇ ଗଲାଣି ନଳକୂପ, କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ?

ଖଣ୍ଡପଡ଼ା, ୦୫/୦୩ (ଆ.ପ୍ର) : ଗ୍ରାମ୍ୟ ରତୁ ଆରମ୍ଭରେ ଖଣ୍ଡପଡ଼ା ସହର ଓ ଆଖପାଖ ଅଂଚଳରେ ପାନୀୟଜଳ ସମସ୍ୟା ଦେଖା ଦେଇଛି । ବୃହତ ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ଅଂଚଳବାସୀ ପାଣି ପାଇବେ ବୋଲି ଗତ ୨ ବର୍ଷ ହେଲା ଚାରି

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

୫ ଦିନ ଫସିରହିବା ପରେ ଫେରିଲା ଓ୍ୱେଷ୍ଟ୍‌ଇଣ୍ଡିଜ୍ ଦଳ

କୋଲକାତା, ୫/୩(ନ୍ୟୁ.ଏ): ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରୁ ବିଦାୟ ନେଇଥିଲେ ବି କୋଲକାତାରେ ଗତ ୫ ଦିନ ଧରି ଫସି ରହିଥିବା ଓ୍ୱେଷ୍ଟ୍‌ଇଣ୍ଡିଜ୍ ଦଳ ସ୍ୱଦେଶ ଫେରିବା ନେଇ ପଥ ପରିଷ୍କାର ହୋଇଛି । ଶେଷକୁଣ୍ଢେ ନିରାପଦ ପ୍ରତ୍ୟାବର୍ତ୍ତନ ନେଇ ଆଇସିସି ପକ୍ଷରୁ ଏକ ଚାର୍ଟର୍ଡ ବିମାନ ବ୍ୟବସ୍ଥା କରାଯିବା ପରେ ସେମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇଛି । ତେବେ ଆଇପିଏଲ୍ ତାଲିମ ଶିବିରରେ ଯୋଗ ଦେବାକୁ କେତେକ ସଦସ୍ୟ ଭାରତରେ ରହିଥିବା ଜଣାଯାଇଛି । ଗତ ମାର୍ଚ୍ଚ ୧ରେ ଅନୁଷ୍ଠିତ ସୁପର-୮ ମ୍ୟାଚରେ ଭାରତଠାରୁ ଜାରି ଓ୍ୱେଷ୍ଟ୍‌ଇଣ୍ଡିଜ୍ ନିଜର ବିଶ୍ୱକପ୍ ଅଭିଯାନ ଶେଷ କରିଥିଲା । ତେବେ ତାହାର ପୂର୍ବଦିନ ଅର୍ଥାତ୍ ଫେବୃଆରି ୨୮ରେ ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣ ପରଠାରୁ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଛି । ଏହା ଫଳରେ ଏହି ଅଞ୍ଚଳର ଅନେକ ଦେଶ ନିଜ ନିଜର ବାୟୁସୀମାକୁ ବନ୍ଦ କରିଛନ୍ତି । ଏହି କାରଣରୁ ଓ୍ୱେଷ୍ଟ୍‌ଇଣ୍ଡିଜ୍ ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିନଥିଲା । ଏହାକୁ ନେଇ ଦଳର ପ୍ରଶିକ୍ଷକ ଡାରେନ୍ ସାମି ଏକ ସୋସିଆଲ୍ ମିଡିଆ ପୋଷ୍ଟ କରିଥିବାରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ଇନଷ୍ଟାଗ୍ରାମରେ ସେ ଲେଖିଥିଲେ, 'ଆମେ ଘରକୁ ଯିବାକୁ ଚାହୁଁ । ଏହାର କିଛି ଘଂଟା ପରେ ଆଉ ଏକ ପୋଷ୍ଟ କରି ସେ ଲେଖିଥିଲେ ଯେ 'ଅତିକମରେ ଆମକୁ କିଛି ଅପ୍‌ଡେଟ୍ ଦିଆଯାଉ, ଯେ ଆମେ କେବେ ଫେରିବୁ.. ଆଜି, ଆସନ୍ତାକାଲି, ଏକ ସପ୍ତାହପରେ ୫ ଦିନ ହୋଇଗଲାଣି' । ତେବେ ଆଇସିସି ପକ୍ଷରୁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯିବା ପରେ ସେ ଆଉ ଏକ ପୋଷ୍ଟ କରି ଲେଖିଛନ୍ତି, 'ଏକ ଅପ୍‌ଡେଟ୍ ମିଳିଛି, ଯାହା ଓ୍ୱେଷ୍ଟ୍‌ଇଣ୍ଡିଜ୍ ଆଶା କରୁଥିଲା' । ଏହା ପୂର୍ବରୁ ନିମ୍ନସ୍ତରୁ ଦଳ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହୋଇଥିଲା ପରେ ଆଇସିସି ପକ୍ଷରୁ ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସ୍ୱତନ୍ତ୍ର ବିମାନର ବନ୍ଦୋବସ୍ତ କରାଯାଇଥିଲା ।

ନେପାଳ ସାଧାରଣ ନିର୍ବାଚନ: ୬୦%ରୁ ଅଧିକ ମତଦାନ

କାଠମାଣ୍ଡୁ, ୫/୩(ନ୍ୟୁ.ଏ): ପଡୋଶୀ ଦେଶ ନେପାଳରେ ଗୁରୁବାର ସାଧାରଣ ନିର୍ବାଚନ ପାଇଁ ହୋଇଛି ମତଦାନ । ଆଜି ରାତିରୁ ଭୋଟିଂ କାଉଣ୍ଟ କରାଯିବ । ୧୬୫ ଆସନର ରେଜେଣ୍ଟ ଆଗାମୀ ୩ରୁ ୪ଦିନ ଓ ଫାଇନାଲ ରେଜଲ୍ଟ ଆସିବାକୁ ପ୍ରାୟ ୧୫ଦିନ ଲାଗିବ ବୋଲି କୁହାଯାଇଛି । ପୂର୍ବରୁ ନେପାଳର କାର୍ଯ୍ୟକାରୀ ମୁଖ୍ୟ ନିର୍ବାଚନ କମିଶନ୍ ରାମ ପ୍ରସାଦ ଭଣ୍ଡାରୀ କହିଥିଲେ, ଭୋଟିଂର ୨୪ ଘଂଟାରେ ରେଜଲ୍ଟ ଆସିବ । କିନ୍ତୁ ଏଥିରେ ବିଳମ୍ବ ହେବାର କୁହାଯାଇଛି । ନିର୍ବାଚନରେ ୧୬୫ ସଦସ୍ୟ ପ୍ରତ୍ୟକ୍ଷ ମତଦାନ ଅଥାତ 'ଫାଷ୍ଟ ଦ ପୋଷ୍ଟ' ପ୍ରଣାଳୀରେ ନୟନ ହେବେ । ସେହିନି ୧୧୦ ସଦସ୍ୟ ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳୀରେ ଚୟନ ହେବେ । ପ୍ରତ୍ୟକ୍ଷ ନିର୍ବାଚନ ଅନୁସାରେ ୧୬୫ ଆସନ ପାଇଁ ୩୪୦୦ ପ୍ରାର୍ଥୀ ମୈଦାନରେ ଅଛନ୍ତି । ସେହିନି ଆନୁପାତିକ ପ୍ରଣାଳୀ ୧୧୦ଆସନ ପାଇଁ ୩୧୩୫ ପ୍ରାର୍ଥୀ ନିର୍ବାଚନ ଲଢିବେଗି । ବହୁମତ ପାଇଁ ୧୩୮ ଟି ଆସନରେ ଜିତିବା ଦରକାର । ଯେଉଁ ପାର୍ଟି ପାଖରେ ୫୦% ସାଂସଦ ହେବେ,ସେମାନେ ସରକାର ଗଠନ କରିବେ । ୨୦୨୫ରେ ଜେନ୍ ଜି ବିରୋଧ ପ୍ରଦର୍ଶନ ପରେ ନେପାଳର ତତ୍କାଳୀନ କେପି ଶର୍ମା ଓଲି ସରକାର ଶମ୍ଭୁଭୂତ ହୋଇଥିଲେ । ୨୭୫ ଆସନ ପାଇଁ ସକାଳ ୭ଟାରୁ ସନ୍ଧ୍ୟା ୫ଟା ଯାଏଁ ଭୋଟିଂ ଚାଲିଥିଲା । ନେପାଳର ନିର୍ବାଚନ କମିଶନର ସଗୁନ୍ ସମସେର ରାଣା କହିଛନ୍ତି ସାରା ଦେଶରେ ମତଦାନ ଶାନ୍ତିପୂର୍ବକ ହେଉଛି । କିଛି ସ୍ଥାନରେ ମାମୁଲି ଘଟଣାକୁ ଛାଡି ବଡ ସମସ୍ୟା ସାମନାକୁ ଆସି ନାହିଁ । ଦୂରଦରାନ୍ତ ଅଞ୍ଚଳରେ ମଧ୍ୟ ଭୋଟିଂ ହୋଇଛି ନିର୍ବାଚନ ପାଇଁ ନେପାଳରେ ବୁଧବାରଠାରୁ ତିନି ଦିନ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ନିର୍ବାଚନ କମିଶନର କହିବା ଅନୁସାରେ ସାରାଦେଶରେ ୧୦,୯୬୭ ମତଦାନ ବୁଥ୍ ରେ୨୩,୧୧୨ ମତଦାନ ଡିଆଲି କରାଯାଇଥିଲା । ଏହି ନିର୍ବାଚନରେ ମୋଟ ୬୫ ରାଜନୈତିକ ଦଳ ଭାଗ ନେଇଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ନିର୍ବାଚନ କମିଶନ୍ ରାମ ପ୍ରସାଦ ଭଣ୍ଡାରୀ ମତଦାନ ପରେ ସାମ୍ବାଦିକଙ୍କୁ କହିଛନ୍ତି, ଏଥର ମତଦାନ ୬୫%ରୁ ଅଧିକ ରହିବାର ଆଶା ରହିଛି । ସେ କହିଛନ୍ତି,ସକାଳରୁ ହିଁ ସେମାନେ ପାହାଡି ଅଞ୍ଚଳରେ ଏକ ଡର୍ଜନରୁ ଅଧିକ ଜିଲ୍ଲା ପ୍ରତିନିଧିଙ୍କ ସହ କଥା ହୋଇଛୁ ଓ ସେଠାରେ ମଧ୍ୟ ମତଦାନ ଜାରି ରହିଛି । ପରିସ୍ଥିତି ମଧ୍ୟ ଅନୁକୂଳ ରହିଛି । ତେବେ ଏଭଳି ଲାଗୁଛି ଯେ, ଗତ ନିର୍ବାଚନର ପ୍ରାୟ ୫୫% ଭୋଟ ଏଥର ଅମାନ୍ୟ ହୋଇଛି । ନେପାଳର ଖବର କାଗଜ 'ହିମାଳୟନ' ନିଜ ରିପୋର୍ଟରେ ଏହି ସୂଚନା ଦେଇଛନ୍ତି ।

ଭାରତରେ ଫିନଲ୍ୟାଣ୍ଡ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ

ନୂଆଦିଲ୍ଲୀ, ୫/୩(ନ୍ୟୁ.ଏ): ସୁହୃତ୍ ଦେଶ ଭାରତ ଓ ଫିନଲ୍ୟାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ । ଉଭୟ ଦେଶ ସମ୍ପର୍କକୁ ନୂଆ ଶିଖରକୁ ନେବା ପାଇଁ ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକ୍ସଜାଣ୍ଡାର ଷ୍ଟବ୍ ଏବେ ଭାରତ ଗସ୍ତରେ ଅଛନ୍ତି । ଗୁରୁବାର ଦିନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ରାଷ୍ଟ୍ରପତି ଷ୍ଟବ୍‌ଙ୍କୁ ସାଗ୍ରହ ଜଣାଇ ଦ୍ୱିଜିଲ୍ଲ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ଷ୍ଟବ୍ ଭାରତରେ ପହଂଚିବା ପରେ ତାଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଥିଲା । ବିଦେଶ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ଜି. କେ. ସିଂହ ତାଙ୍କୁ ସ୍ୱାଗତ କରିବା ସହ ରାଷ୍ଟ୍ରପତିଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ସୋସିଆଲ ମିଡିଆ ମାଧ୍ୟମରେ ଏହି ସାକ୍ଷାତକାର ବିଷୟରେ ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରାଷ୍ଟ୍ରପତି ଷ୍ଟବ୍‌ଙ୍କ ଆଗାମୀ ବୈଠକ ଭାରତ-ଫିନଲ୍ୟାଣ୍ଡ ବନ୍ଧୁତାକୁ ଆହୁରି ସୁଦୃଢ କରିବ । ଚଳିତ ବର୍ଷର 'ଗାଉସିନା ଡାଏଲଗ୍ ୨୦୨୬'ରେ ଫିନଲ୍ୟାଣ୍ଡ ରାଷ୍ଟ୍ରପତି ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଛନ୍ତି । ବିଶ୍ୱର ଭୂ-ରାଜନୀତି ଏବଂ ଅର୍ଥନୀତି ଉପରେ ତାଙ୍କର ଅଭିଜ୍ଞତାଶଳୁ ସମସ୍ତେ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ବୈଦେଶିକ ମନ୍ତ୍ରାଳୟ ମୁଖ୍ୟପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, 'ଭାରତ ଏବଂ ଫିନଲ୍ୟାଣ୍ଡ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛନ୍ତି । ଏହି ଗସ୍ତ ଆମର ଭାରିଦାରୀକୁ ଏକ ନୂତନ ଶକ୍ତି ପ୍ରଦାନ କରିବ ।' ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ପ୍ରତିନିଧି ଦଳରେ ଫିନଲ୍ୟାଣ୍ଡର ବହୁ ବରିଷ୍ଠ ମନ୍ତ୍ରୀ, ଅଧିକାରୀ ଏବଂ ବ୍ୟବସାୟିକ ନେତୃବୃନ୍ଦ ସାମିଲ ଅଛନ୍ତି । ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଣିଜ୍ୟ ଏବଂ ନିବେଶ କ୍ଷେତ୍ରରେ ସହଯୋଗ ବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଜ୍ଞାନବୌଶଳର ଆଦାନପ୍ରଦାନ, ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମିଳିତ ମୁକାବିଲା ।

ଇସ୍ତଫା ଦେଲେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି ଆନନ୍ଦ ବୋଷ

କୋଲକାତା, ୫/୩(ନ୍ୟୁ.ଏ): ଆସୁଛି ପଶ୍ଚିମବଙ୍ଗ ନିର୍ବାଚନ । ତେବେ ଏହା ପୂର୍ବରୁ ଇସ୍ତଫା ଦେଇଛନ୍ତି ରାଜ୍ୟପାଳ ସିଭି ଆନନ୍ଦ ବୋଷ । ତେବେ ସେ କେଉଁ କାରଣରୁ ଇସ୍ତଫା ଦେଇଛନ୍ତି ତାହା ସ୍ପଷ୍ଟ ହୋଇନଥିବାବେଳେ ସେ ଦିଲ୍ଲୀ ଯାଇଛନ୍ତି । ସେ ସାଢ଼େ ତିନି ବର୍ଷ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି । ଇସ୍ତଫା ପରେ ପିଟିଆଇଙ୍କୁ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି କି, ରାଜଭବନରେ ମୁଁ ବହୁତ ସମୟ ବିତାଇ ଦେଲି । ଚଳିତବର୍ଷ ଏପ୍ରିଲ୍- ମେ' ମଧ୍ୟରେ ପଶ୍ଚିମବଙ୍ଗରେ ନିର୍ବାଚନ ହୋଇପାରେ । ରାଜ୍ୟ ରାଜନୀତି ଦେଶ ସରଗରମ ହେଉଥିବାବେଳେ ଏଭଳି ଏକ ସମୟରେ ସେ ଇସ୍ତଫା ଦେବାକୁ କେଉଁ ଚର୍ଚ୍ଚା ହୋଇ ଥଇଲି । ସି.ଭି ଆନନ୍ଦ ବୋଷଙ୍କ ଘର ବେଗେଇ ଗୋଟାମରେ । ତାଙ୍କ ବାପା ହେଉଛନ୍ତି ଯିଏକି ଜଣେ ସ୍ୱାଧୀନତା ସଂଗ୍ରାମୀ । ମଣ୍ଡେମରେ ୨୩ ତାରିଖ ୨୦୨୨ ମସିହାରେ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ଦାୟିତ୍ୱ ମିଳିଥିଲା । ପୂର୍ବରୁ ପ୍ରଶାସନିକ କ୍ଷେତ୍ରରେ ତାଙ୍କ ଅଭିଜ୍ଞତା ରହିଛି । ସେପଟେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ଖବର ପାଇବା ପରେ ଆଶ୍ଚର୍ଯ୍ୟ ହୋଇଯାଇ କହିଛନ୍ତି । ଇସ୍ତଫାର କାରଣ ଜାଣିନାହିଁ । ବିଧାନି ନିର୍ବାଚନ ପୂର୍ବରୁ ଯଦି ତାହା ପଳାଇ ଏଭଳି କରାଯାଇଥାଏ ତାହେଲେ ଆଶ୍ଚର୍ଯ୍ୟ ହେବି । ସେପଟେ ତାଙ୍କ ସ୍ଥାନରେ ଆର.ଏନ ରବିଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି ।

ହର୍ମୁଜ ପ୍ରଣାଳୀରେ ଫସିଲେ ୧୧୦୯ ଭାରତୀୟ ନାବିକ

ନୂଆଦିଲ୍ଲୀ ତେହେରାନ୍, ୫/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ବଢୁଥିବା ଉତେଜନା ମଧ୍ୟରେ, ୩୭ଟି ଭାରତୀୟ ଜାହାଜ ୫ ୧,୧୦୯ ଜଣ ଭାରତୀୟ ନାବିକ ହର୍ମୁଜ୍ ପ୍ରଣାଳୀ ପାଖରେ ଫସି ରହିଛନ୍ତି । ଇରାନର ଚେତାବନୀ ପରେ, ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ଜାହାଜ ଚଳାଚଳ ହ୍ରାସ କରାଯାଇଛି, ଯାହା ଭାରତକୁ ପ୍ରଭାବିତ କରିବା ସହିତ ଫସିରହିଥିବା ନାବିକଙ୍କ ସୁରକ୍ଷା ଓ ଦେଶର ଯୋଗାଣ ଶୃଙ୍ଖଳାକୁ ନେଇ ଚିନ୍ତା ସୃଷ୍ଟି କରିଛି । ଭାରତୀୟ ଜାତୀୟ ଜାହାଜ ମାଲିକ ସଂଘ (ଆଇଏନଏସଏ) ଏକ ବିବୃତି ଜାରି କରି କହିଛି ଯେ ଏହି ଜାହାଜଗୁଡ଼ିକ ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ପାଖରେ ଅଟକି ରହିଛନ୍ତି । ଏହି ଜାହାଜଗୁଡ଼ିକ ମଧ୍ୟରୁ କିଛି ମାଲ ଲୋଡିଂ ଅପେକ୍ଷାରେ ଅଛି, ତ ଅନ୍ୟଗୁଡ଼ିକ ପୂର୍ବରୁ ଲୋଡିଂ ହୋଇସାରିଛି । ସଂଘ ଭାରତ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ନିବେଦନ କରିଛି । ସରକାର ଏହି ଜାହାଜଗୁଡ଼ିକୁ ସୁରକ୍ଷିତ ଭାବରେ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବା ପାଇଁ ଦରକେସ୍ତ ନେବା ଉଚିତ । ସଂଗଠନ ଏହା ମଧ୍ୟ କହିଛି ଯେ ଅନେକ ଜାହାଜ ନିର୍ଦ୍ଦେଶ ଅପେକ୍ଷାରେ ଅଛନ୍ତି, ଏବଂ ଭାରତୀୟ ନାବିକଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ । ଅପରପକ୍ଷରେ, ହର୍ମୁଜ୍ ପ୍ରଣାଳୀକୁ ଇରାନ ବନ୍ଦ କରିଦେଇଥିବା ଇରାନୀ ରିଭୋଲୁସନାରୀ ଗାର୍ଡ଼ ଜେନେରାଲ ଜେଫ୍ରୁମାର୍ଗ ଚେତାବନି ଦାବି କରିଛନ୍ତି । ସେ କହିଛନ୍ତି, ଆପଣ ଏହା ମଧ୍ୟ କହିପାରିବେ ଯେ ଆମେରିକା ଏହାକୁ ବନ୍ଦ କରିଦେଇଛି । ଆମେ କେବଳ ହର୍ମୁଜ୍ ରେ ଆମର ସାମୁଦ୍ରିକ ଅଧିକାରକୁ କାର୍ଯ୍ୟକାରୀ କରୁଛୁ । ଏହି କରିଡର ଦେଇ ଯାଉଥିବା ଜାହାଜଗୁଡ଼ିକୁ ଅନ୍ତର୍ଜାତୀୟ ନିୟମ ଅନୁସାରେ ପରିଚାଳନା କରାଯାଏ ।

ତୃଣମୂଳର ଭୋଟ୍‌ବ୍ୟାଙ୍କକୁ ଖାଇଲା ଏସ୍‌ଆଇଆର

କୋଲକାତା, ୫/୩(ନ୍ୟୁ.ଏ): ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଟିଏମ୍‌ସିର ଭୋଟ୍‌ବ୍ୟାଙ୍କକୁ କ୍ଷତି ପହଂଚାଇଛି । ଏହା ବିଧାନସଭା ନିର୍ବାଚନ ପୂର୍ବରୁ ମୁସଲମାନବହୁଳ ଅଂଚଳ ଏବଂ ୨୪ ପ୍ରଗଣାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ପ୍ରଭାବିତ କରିଛି, ଯଦିଓ ଶାସକ ଦଳ ଅଧିକ ଭୋଟ୍ ପାଇବା ପାଇଁ ବଙ୍ଗାଳୀ ଗର୍ବ ଏବଂ ମହିଳା ଓ ସଂଖ୍ୟାଲଘୁ ଏଜେଣ୍ଡାର ଉପରେ ଜୋର ଦେଉଛି । ଭୋଟର ତାଲିକା ସଂଶୋଧନର ପ୍ରଭାବ ଉତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ମୁର୍ଶିଦାବାଦ, ମାଲଦା, ଉତର ଦିନାଜପୁର ଏବଂ ଦକ୍ଷିଣ ଦିନାଜପୁରରେ ରହିଛି । ଏହି ଛଅଟି ଜିଲ୍ଲାରେ ୧୦୦ରୁ ଅଧିକ ବିଧାନସଭାଆସନ ରହିଛି, ଯେଉଁଥିରେ କେବଳ ଦୁଇଟି ୨୪ ପ୍ରଗଣାରେ ୬୪ଟି ଆସନ ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟ ୨୦୧୧ ମସିହାରୁ ଟିଏମ୍‌ସି ଆଧିପତ୍ୟର କେନ୍ଦ୍ରବିନ୍ଦୁ ପାଲଟିଛି । ୨୦୨୧ ବିଧାନସଭା ନିର୍ବାଚନରେ ଦଳ ସମସ୍ତ ଛଅଟି ଆସନରେ ବିଜୟୀ ହୋଇଥିଲା । କେବଳ ମୁର୍ଶିଦାବାଦରେ ୧୧ ଲକ୍ଷରୁ ଅଧିକ ଭୋଟର ବିଚାରାଧୀନ ଅଛନ୍ତି, ଯାହା ରାଜ୍ୟରେ ସର୍ବାଧିକ ଏବଂ ମାଲଦାରେ ପ୍ରାୟ ୮.୩ ଲକ୍ଷ ଭୋଟର ବିଚାରାଧୀନ ଅଛନ୍ତି । ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଉତର ୨୪ ପ୍ରଗଣାରେ ପ୍ରାୟ ୫.୯ ଲକ୍ଷ ଭୋଟର ଯାଂଚରେ ଥିବାବେଳେ ଦକ୍ଷିଣ ୨୪ ପ୍ରଗଣାରେ ପ୍ରାୟ ୫.୨ ଲକ୍ଷ ମାମଲା ରହିଛି । ଏହି ଜିଲ୍ଲାଗୁଡ଼ିକରେ ପ୍ରାୟ ୨୩ ଲକ୍ଷ ଲୋକଙ୍କ ନାମ କଟିବା ସମ୍ଭାବନା ରହିଛି । ଉତର ଓ ଦକ୍ଷିଣ ୨୪ ପ୍ରଗଣା ଉପରେ ନିୟନ୍ତ୍ରଣ ପ୍ରାୟତଃ ସ୍ଥିର କରେ ଯେ କିଏ ବଙ୍ଗାଳାକୁ ଶାସନ କରିବେ । ଯଦି ଏହି ପାଂଚଟି ଜିଲ୍ଲାରେ ଦଳର ସଂଖ୍ୟା ହ୍ରାସ ପାଏ, ତେବେ ଏହା ଦଳ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ । ଆମେ ଜାଣୁ ଯେ ଏହି ଚ୍ୟାଲେଞ୍ଜକୁ କିପରି ବିଜୟରେ ପରିଣତ କରାଯିବ ବୋଲି ଟିଏମ୍‌ସିର ଜଣେ ନେତା କହିଛନ୍ତି । ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ପରିଣାମ ସ୍ୱରୂପ ୬୩.୬୬ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା । ସଂଶୋଧନ ପୂର୍ବରୁ ୭.୬୬ କୋଟି ଥିବା ମତଦାତା ସଂଖ୍ୟା ବର୍ତମାନ ୭.୦୪ କୋଟିକୁ ହ୍ରାସ ପାଇଛି । ଅନ୍ୟ ୬୦.୦୬ ଲକ୍ଷ ଭୋଟରଙ୍କ ବିଚାର ଚାଲିଛି, ସେମାନେ ଦସ୍ତାବିଜ ଯାଂଚ ପାଇଁ ଅପେକ୍ଷା କରିଛନ୍ତି ।

ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗ ଦେଲେ ୩ କଂଗ୍ରେସ ବିଧାୟକ

ଗୁହାଟି, ୫/୩(ନ୍ୟୁ.ଏ): ବିଧାନସଭା ନିର୍ବାଚନ ପୂର୍ବରୁ ଆସାମ ରାଜ୍ୟ ରାଜନୀତିରେ ହଟଚମଟ ଦେଖିବାକୁ ମିଳିଛି । ପୂର୍ବତନ ଆସାମ କଂଗ୍ରେସ ସଭାପତି ଭୂପେନ ବୋରାଙ୍କ ପରେ ତିନି ଜଣ କଂଗ୍ରେସ ବିଧାୟକ ଗୁରୁବାର ବିଜେପିରେ ଯୋଗ ଦେଇଛନ୍ତି । ବିଜେପିରେ ଯୋଗ ଦେଇଥିବା ବିଧାୟକଙ୍କ ମଧ୍ୟରେ କମଳାକ୍ଷ ଦେ ପୁରକାୟସ୍ଥ, ଶଶିକାନ୍ତ ଦାସ ଓ ବସନ୍ତ ଦାସ ଅଛନ୍ତି । ଅନ୍ୟ ଦୁଇଜଣ ନେତା ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ଦିଲୀପ ସାଇକିଆ ସମସ୍ତଙ୍କୁ ଦଳରେ ସାମିଲ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ମିଶ୍ରଣ ପର୍ବ ସମୟରେ ଉପସ୍ଥିତ ଥିଲେ । ବିଜେପିରେ ଯୋଗ ଦେଇଥିବା ଅନ୍ୟ ଦୁଇ ନେତା ହେଲେ କଂଗ୍ରେସର ପୂର୍ବତନ ସଚିବ ପାର୍ଣ୍ଣା ବରୁ କାଲିଟା ଏବଂ ତୃଣମୂଳ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଜାଙ୍ଗକାଜ ନାଥ । ଆସାମର ୧୨୬ ଆସନ ବିଶିଷ୍ଟ ବିଧାନସଭା ପାଇଁ ଆସନ୍ତା ଏପ୍ରିଲ ମାସରେ ନିର୍ବାଚନ ଅନୁଷ୍ଠିତ ହୋଇପାରେ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଗତ ବୁଧ ବର୍ଷ ହେଲା ବିଧାୟକମାନେ ବିଧାନସଭାରେ ତାଙ୍କ ସରକାରକୁ ସମର୍ଥନ କରିଆସୁଥିଲେ । ଆଜି ସେମାନେ ବିଧିବଦ୍ଧ ଭାବେ ତାଙ୍କ ଦଳରେ ଯୋଗ ଦେଇଛନ୍ତି । ବିଜେପିରେ ଯୋଗ ଦେଇଥିବା ନେତାଙ୍କୁ ଟିକେଟ ମିଳିବ କି ନାହିଁ ବୋଲି ବିଶ୍ୱଶର୍ମାଙ୍କୁ କରାଯାଇଥିବା ପ୍ରଶ୍ନରେ ସେ କହିଥିଲେ, ଏହି ପ୍ରସଙ୍ଗ ଏବେ ପର୍ଯ୍ୟନ୍ତ ଆଲୋଚନା ହୋଇନାହିଁ । ତେବେ ଦଳର ରାଜ୍ୟ ନିର୍ବାଚନ କମିଟି ଏସମ୍ପର୍କରେ ବିଚାର କରିବ । ସେମାନଙ୍କ ମଧ୍ୟ ପାନେଲରେ ରହିବ କିଣ୍ତୁ ଜେହ୍ନାର ସଂସଦୀୟ ବୋର୍ଡ଼ ଟିକେଟ ବଂଟନ ନେଇ ଶେଷ ନିଷ୍ପତ୍ତି ନେବ । ସେମାନେ ବିଜେପିରେ ନିଃସର୍ତରେ ଯୋଗ ଦେଇଛନ୍ତି । ଜିତିବା ସମ୍ଭାବନା ରହିଥିବା ଲୋକଙ୍କୁ ଟିକେଟ ଦିଆଯିବ । ପୁରକାୟସ୍ଥ କରିମଗଞ୍ଜ (ଉତର), ଶଶିକାନ୍ତ ରାହା ଓ ବସନ୍ତ ମଙ୍ଗଳଦୋଇ (ଅନୁସୂଚିତ ଜାତି) ନିର୍ବାଚନ ମଣ୍ଡଳୀରୁ ବିଧାୟକ ଅଛନ୍ତି । ସେମାନେ ଗତ ଲୋକସଭା ନିର୍ବାଚନରେ ବିଜେପିକୁ ଖୋଲାଖୋଲି ସମର୍ଥନ କରିଥିଲେ ବୋଲି ବିଶ୍ୱଶର୍ମା କହିଛନ୍ତି । ଗତମାସ କଂଗ୍ରେସର ଦୁଇ ଜଣ ବିଧାୟକ ଅବକୁଲ ରସିଦ ମଣ୍ଡଳ ଓ ଶେର୍ମାନ